بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ ୪

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସଂଖ୍ୟା 04

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

26 ଜାନୁୟାରୀ 2023 | 26 ସୁଲାହ୍ 1402 ହି.ଶ | 03 ରଜବ 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ شَرَّ الدَّوَآبِّ
عِنۡدَ اللّٰہِ الصُّمُّ الۡبُکۡمُ
الَّذِیۡنَ لَا یَعۡقِلُوۡنَ ○

(سورۃ انفال 23)

ଅନୁବାଦ- ଯେଉଁ ଲୋକମାନେ (ଆଧ୍ୟାତ୍ମିକ ଦୃଷ୍ଟିରୁ) ମୂକ ଓ ବଧିର ତଥା ଯେଉଁମାନେ କିଛି ବୁଝି ପାରନ୍ତି ନାହିଁ, ବାସ୍ତବରେ ସେମାନେ ଅଲ୍ଲାଃଙ୍କ ଦୃଷ୍ଟିରେ ପଶୁଠାରୁ (ମଧ୍ୟ) ହୀନ ।

*(ସୁରଃ : ଅଲ ଅନଫାଲ : ୨୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

# ଅହେମଦୀୟତର ଶାନ୍ତିପୀଠ କାଦିଆନଠାରେ ୧୨୭ ତମ ଜଲସା ସାଲାନାଃ (ବାର୍ଷିକ ସମ୍ମିଳନୀ) ର ସଫଳ ଆୟୋଜନ

ଜଲସା ସାଲାନାର ଉଦ୍ଦେଶ୍ୟ ଧାର୍ମିକ, ଆଧ୍ୟାତ୍ମିକ ଏବଂ ନୈତିକ ବିକାଶ ବୋଲି ହଜରତ ମସିହ ମଉଦ ଆ ସ ବର୍ଣ୍ଣନା କରିଛନ୍ତି ଏବଂ ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ବହୁତ ଜୋର ଦେଇଛନ୍ତି । ଏହା ହେଉଛି ସେହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ,ଯାହାକୁ ହାସଲ କରିବା ପାଇଁ ପ୍ରତିବର୍ଷ ସାରା ଦୁନିଆରେ ଯେଉଁଠାରେ ବି ଜମାଅତ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି, ସେଠାରେ ଜଲସା ସାଲାନା ଅନୁଷ୍ଠିତ ହୋଇଥାଏ ।

୧୮୯୧ମସିହାର ଜଲସା ସାଲାନାରେ ୭୫ ଜଣ ଏବଂ ୧୮୯୨ ମସିହାରେ ୩୨୭ ଜଣ ଲୋକ ଜଲସାରେ ସାମିଲ ହୋଇଥିଲେ । ଏବେ ଅଲ୍ଲାଃଙ୍କ କୃପାବୃଷ୍ଟି ଏତେ ମାତ୍ରାରେ ହେଉଅଛି ଯେ ଏହି ଜଲସାରେ ପ୍ରତ୍ୟେକ ଦେଶରେ ହଜାର ହଜାର ସଂଖ୍ୟାକ ଲୋକେ ଯୋଗ ଦେଉଥିବାର ଅଲ୍ଲାଃତାଲା ଦେଖାଉଛନ୍ତି । କ'ଣ ଏହା ଅଲ୍ଲାଃତାଲାଙ୍କ ସମର୍ଥନ ଏବଂ ତାହାଙ୍କ ପ୍ରତିଶୃତିର ପ୍ରମାଣ ନୁହେଁ,ଯାହା ସେ ହଜରତ ମସିହ ମଉଦ ଆ ସଙ୍କ ସହିତ କରିଥିଲେ ? ନିଶ୍ଚିତ ରୂପେ ଏହା ଅଲ୍ଲାଃତାଲାଙ୍କ ସମର୍ଥନ ଥିଲା !

ଗୋଟିଏ ସମୟରେ ସମସ୍ତ ଦେଶର ଲେକେ ମୋ କଥାକୁ ଶୁଣୁଛନ୍ତି ଏବଂ ଦେଖୁଛନ୍ତି ମଧ୍ୟ । ଆମେ ବି ସେମାନଙ୍କୁ ଦେଖୁଅଛୁ ।

ଏହା ମଧ୍ୟ ଅଲ୍ଲାଃତାଲାଙ୍କର ହଜରତ ମସିହ ମଉଦ ଆ ସଙ୍କ ପ୍ରତି କରାଯାଇଥିବା ପ୍ରତିଶୃତି ପୂରଣ କରିବାର ଏକ ଅଭିବ୍ୟକ୍ତି ।

ଆମେ ଏହି ଅନୁଗ୍ରହରୁ ଲାଭ ଉଠାଇବା ସହିତ ଉପରୋକ୍ତ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ନିଜ ନିଜର କର୍ତବ୍ୟ ଓ ପ୍ରତିବଦ୍ଧତା ପୂରଣ କରିବାକୁ ହେବ । ନିଜର ପ୍ରତିଜ୍ଞା ଏବଂ ପ୍ରତିଶୃତି, ଯାହା ଆମେ ହଜରତ ମସିହ ମଉଦ ଆ ସ ଙ୍କ ସହିତ କରିଛନ୍ତି,ତାହାକୁ ପୂରଣ କରିବାକୁ ହେବ । ନିଜ ଭିତରେ ପବିତ୍ର ପରିବର୍ତନ କରିବାକୁ ପଡ଼ିବ ।

ଶରାୟତେ ବୟତ (ଅହେମଦୀୟତରେ ଦିକ୍ଷା ନେବାର ସର୍ତାବଳୀ) ମଧ୍ୟରୁ ଦ୍ୱିତୀୟ ସର୍ତ ବିଷୟରେ ମୁଁ କିଛି କହିବି । ଯଦି ଆମେ ତା ଅନୁଯାୟୀ ଆମ ଜୀବନକୁ ପରିଚାଳିତ କରିବା, ତା'ହେଲେ ନିଜ ଭିତରେ ତଥା ଏ ବିଶ୍ୱବାସୀଙ୍କ ମଧ୍ୟରେ ପରିବର୍ତନର ଏକ ମହାନ ବିପ୍ଳବ ସୃଷ୍ଟି କରିପାରିବା ।

ଦ୍ୱିତୀୟ ସର୍ତରେ ହଜରତ ମସିହ ମଉଦ ଆ ସ ନଅ ଗୋଟି ମନ୍ଦକାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଛନ୍ତି । ସେହି ମନ୍ଦକାର୍ଯ୍ୟଗୁଡ଼ିକ ହେଉଛି ଏପରି,ଯାହାକୁ ପରିତ୍ୟାଗ କରିବା ଦ୍ୱାରା ଜଣେ ମଣିଷ ଆଧ୍ୟାତ୍ମିକତା ଏବଂ ନୈତିକତାରେ ଉନ୍ନତି ଓ ଅଗ୍ରଗତି କରିପାରିବ ।

ଆଜି ଲଜନା ଇମାଇଲ୍ଲାଃର ସଂଗଠନକୁ ଏକ ଶହ ବର୍ଷ (୧୦୦ ବର୍ଷ) ପୂରଣ ହୋଇଯାଇଛି । ତେଣୁ ଲଜନାମାନଙ୍କୁ ମଧ୍ୟ ମନେ ରଖିବା ଉଚିତ,ସେମାନେ ନିଜର ସମିକ୍ଷା କରନ୍ତୁ ଏବଂ ମୂଲ୍ୟାଙ୍କନ କରନ୍ତୁ ଯେ ଏହି ଶହେ ବର୍ଷ ମଧ୍ୟରେ ସେମାନେ ନିଜ ମଧ୍ୟରେ କେତେ ମାତ୍ରାରେ ପରିବର୍ତନ ଆଣିପାରିଛନ୍ତି ।

ଏହି ଜଲସାରେ ସାମିଲ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ଏ ପ୍ରତିଜ୍ଞା କରୁ ଯେ ଆମକୁ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତନ ଆଣିବାକୁ ହେବ,ଏବଂ ଏହି ବୟତର ପ୍ରତିଶୃତି / ପ୍ରତିଜ୍ଞାକୁ ପାଳନ କରିବା ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବାକୁ ହେବ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଏମ ଟି ଏ ଇଂଟରନ୍ୟାଶନାଲ ଜରିଆରେ ସୟଦନା ହଜରତ ଖଲିଫତୁଲ ମସିହ ପଂଚମ ଅ ବ ଅ ଙ୍କ ଇସଲାମାବାଦ ୟୁ କେରୁ ଜଲସାରେ ଯୋଗଦେଇଥିବା ଲୋକମାନଙ୍କ ନିମନ୍ତେ ଜ୍ଞାନଭିତିକ ଅନ୍ତର୍ନିହିତ ଉଦଯାପନୀ ଅଭିଭାଷଣ ।

କୋଭିଡ଼ ୧୯ (Covid-19) ପରେ,ଏହି ଜଲସା ସାଲାନାର ସଫଳ ଆୟୋଜନ । ଏହି ତିନି ଦିନ ମଧ୍ୟରେ ଜଲସାରେ ଅନୁଷ୍ଠିତ ହେଉଥିବା ପ୍ରୋଗ୍ରାମଗୁଡ଼ିକର Live Streaming (ସିଧା ପ୍ରସାରଣ) ଏବଂ ଏହା ଜରିଆରେ ଦେଶ ତଥା ବିଦେଶରେ ରହୁଥିବା ଲୋକମାନଙ୍କର ଜଲସାରୁ ଭରପୁର ଲାଭ ଉଠାଇବା । Live Streaming ଜରିଆରେ ୮୨ ହଜାର ପାଂଚ ଶହ ଲୋକ ଜଲସାର କାର୍ଯ୍ୟକ୍ରମକୁ ଦେଖିଲେ ଓ ଶୁଣିଲେ । ୧୪୫୦୦ ଜଣ ଅହେମଦୀ ଏହି ଜଲସାରେ ଯୋଗ ଦେଇଥିଲେ । ୩୭ଟି ଦେଶର ପ୍ରତିନିଧିତ୍ୱ ହୋଇଥିଲା । କେତେକ ଆଫ୍ରିକୀୟ ଦେଶର ଲୋକେ ଏହି ଜଲସା ଏବଂ ଜଲସାର ଉଦଯାପନୀ ଅଭିଭାଷଣ ଶୁଣିବା ନିମନ୍ତେ ଏହି ସିଧା ପ୍ରସାରଣ ଜରିଆରେ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଅଭିଭାଷଣ ଶୁଣିବା ପାଇଁ ମସଜିଦ ମୁବାରକ ଇସଲାମାବାଦରେ ୧୪୦୪ ଜଣ,ବୟତୁଲ ଫୁତୁହଠାରେ ୧୨୦୦ ଏବଂ ମସଜିଦ ଫଜଲ ଲଣ୍ଡନଠାରେ ୪୦୦ ଜଣ ସଦସ୍ୟ ଏକତ୍ରିତ ହୋଇଥିଲେ । ତହଜ୍ଜୁଦ ନମାଜ ପାଠ,ଦରସୁଲ କୁରଆନ ଏବଂ ଜିକରେ ଇଲାହୀ (ଈଶ୍ୱରଙ୍କୁ ସ୍ମରଣ କରିବା) ରେ ପରିପୂର୍ଣ୍ଣ ପରିବେଶ । ଓ୍ୱଲେମାମାନଙ୍କର ଜ୍ଞାନବର୍ଦ୍ଧକ ବକ୍ତବ୍ୟ । ୯ଟି ଜାତୀୟ ତଥା ବିଦେଶୀ ଭାଷାରେ ଜଲସା ପ୍ରୋଗ୍ରାମଗୁଡ଼ିକର ଚଳନ୍ତ ଅନୁବାଦ । ଜମାତର ସଦସ୍ୟମାନଙ୍କ ଜ୍ଞାନରେ ଅଭିବୃଦ୍ଧି ପାଇଁ ପ୍ରଶିକ୍ଷଣମୂଳକ ଡକୁମେଂଟାରୀ ଏବଂ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀର ଆୟୋଜନ । ନିକାହର ଘୋଷଣା । ପ୍ରିଂଟ ଏବଂ ଇଲୋକ୍ଟ୍ରୋନିଂ ମିଡ଼ିଆରେ ଜଲସା ସାଲାନାର କଭରେଜ । ଶାନ୍ତି ଓ ସୌହାର୍ଦ୍ଧ୍ୟପୂର୍ଣ୍ଣ ପରିବେଶରେ ଜଲସାର ସମସ୍ତ କାର୍ଯ୍ୟକ୍ରମର ପରିସମାପ୍ତି । ***(ମନସୁର ଅହେମଦ ମସରୁର ମୁମତଜିମ ରିପୋର୍ଟିଂ)***

ଅଲହମଦୁଲିଲ୍ଲାଃ (ଅର୍ଥାତ ସମସ୍ତ ପ୍ରଶଂସାର ଅଧିକାରୀ ହେଉଛନ୍ତି ଅଲ୍ଲାଃ) ! ଜଲସା ସାଲାନା କାଦିଆନ ବୁସ୍ତାନ ଅହେମଦର ବ୍ୟାପକ ପରିସରରେ ୨୦୨୨ ମସିହା ଡ଼ିସେମ୍ବର ମାସ ୨୩,୨୪ ଏବଂ ୨୫ ତାରିଖ ଶୁକ୍ରବାର,ଶନିବାର ଏବଂ ରବିବାର ଦିନ ଅନୁଷ୍ଠିତ ହୋଇ ସଫଳତାର ସହ ସମାପ୍ତ ହୋଇଯାଇଅଛି । ଏହା ପୂର୍ବରୁ କରୋନା ମହାମାରୀ ଯୋଗୁଁ ୨୦୧୯ ମସିହା ଏବଂ ୨୦୨୦ ମସିହାରେ ଜଲସା ଅନୁଷ୍ଠିତ ହୋଇପାରିନଥିଲା । ୨୦୨୧ମସିହାରେ ସୀମିତ ଉପସ୍ଥାନ ସହିତ ଜଲସା ଅନୁଷ୍ଠିତ ହୋଇଥିଲା । ଦେଶର ସମସ୍ତ ପ୍ରାନ୍ତରୁ ଅହେମଦୀୟତ ପ୍ରେମୀମାନେ ବହୁତ ଉତ୍ସାହିତ ହୋଇ ଏହି ଜଲସାରେ ଅଂଶଗ୍ରହଣ କରିବା ପାଇଁ କାଦିଆନରେ ଆସି ପହଂଚିଥିଲେ । ଜଲସାର ଦିନଗୁଡ଼ିକ ଯେତେ ଯେତେ ପାଖେଇ ଆସୁଥିଲା, ଶାନ୍ତିପୀଠ କାଦିଆନର ଶୋଭା ସେତିକି ମାତ୍ରାରେ ବଢ଼ି ଚାଲୁଥିଲା । ଏପରିକି କାଦିଆନ ସମ୍ପୂର୍ଣ୍ଣ ରୂପେ ଅତିଥିମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା । ଯେଉଁଆଡ଼େ ଯାଆନ୍ତୁ ବା ଯେଉଁଆଡ଼େ ବି ଦେଖନ୍ତୁ, ସବୁଠାରେ ହଜରତ ମସିହ ମଉଦ ଆ ସଙ୍କ ଅତିଥିମାନଙ୍କୁ ପାଇବେ । ବିଦେଶରୁ

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ମଧ୍ୟ ବହୁ ସଂଖ୍ୟାରେ ଅହେମଦୀୟତ ପ୍ରେମୀମାନେ ଜଲସାରେ ସାମିଲ ହେବା ପାଇଁ ଆସିଥିଲେ । ଶାନ୍ତି ପୀଠ ପ୍ରିୟ କାଦିଆନ ବସ୍ତିଟି ପୁଣି ଥରେ ଆନନ୍ଦ ଏବଂ ଶୋଭାରେ ପରିପୂର୍ଣ୍ଣ ହୋଇଗଲା । ଅତିଥିମାନଙ୍କ ଆଗମନ ପୂର୍ବରୁ ନିଜାମତ ବିଜୁଳୀ ଏବଂ ଆଲୋକ ବିଭାଗ ତରଫରୁ ମହଲାର ସମସ୍ତ ଗଳିକନ୍ଦି ଏବଂ ରାସ୍ତାକୁ ଟ୍ୟୁବଲାଇଟ ଜରିଆରେ ଆଲୋକିତ କରିଦିଆଦିଆଗଲା । ବେହଶତି ମକବବରାଃ, ଦାରୁଲ ମସିହ, ମସଜିଦ ମୁବାରକ,ମସଜିଦ ଅକସାଃ ଏବଂ ମନାରତୁଲ ମସିହକୁ ଛୋଟ ଛୋଟ ରଙ୍ଗିନ ବିଜୁଳୀବତୀ ସାହାଯ୍ୟରେ ବୋହୂ ପରି ସଜାଯାଇଥିଲା । ଏହିପରି ଭାବରେ ମସିହ ମଉଦ ଏବଂ ମେହେଦୀ ମାହୁଦ ଆ ସଙ୍କ ଏହି ଆଧ୍ୟାତ୍ମିକ ବସ୍ତି ନିଜର ଆଭ୍ୟନ୍ତରିଣ ଚାକଚମକ ସହିତ ବାହ୍ୟ ସୌନ୍ଦର୍ଯ୍ୟରେ ମଧ୍ୟ ଆଲୋକିତ ହୋଇଗଲା ।

**ମୁଆଇନାଃ କାରକୁନାନ ଓ୍ୱ ଇନ୍ତେଜାମାତ ଜଲସା (ଜଲସା ସାଲାନାରେ ନିୟୋଜିତ କର୍ମଚାରୀମାନଙ୍କର ତଥା ବ୍ୟବସ୍ଥାର ଯାଂଚ ଏବଂ ପର୍ଯ୍ୟବେକ୍ଷଣ)**

୨୦୨୨ ମସିହା ଡିସେମ୍ବର ମାସ ୧୯ ତାରିଖ ସୋମବାର ଦିନ ଠିକ ପୂର୍ବାହ୍ଣ ୧୦:୪୫ ମିନିଟରେ ଜଲସା ଗାହ୍ ବୁସ୍ତାନ ଅହେମଦଠାରେ ହଜୁର ଅନଓ୍ୱର ଅ ବ ଅଙ୍କ ପ୍ରତିନିଧି ମୁକରମ୍ ଶ୍ରୀମାନ ମୌଲାନା ମୁହମ୍ମଦ ଇନଆମ ଘୋରୀ ସାହେବ ନାଜିରେ ଆଲା ଏବଂ ଅମୀର ଜମାତ ଅହେମଦୀୟା କାଦିଆନଙ୍କ ଅଧ୍ୟକ୍ଷତାରେ ଏହି ସମାରୋହ ମୁଆଇନାଃ କାରକୁନାନ ଓ୍ୱ ଇନ୍ତେଜାମାତ ଜଲସା (ଜଲସା ସାଲାନାରେ ନିୟୋଜିତ କର୍ମଚାରୀମାନଙ୍କର ତଥା ବ୍ୟବସ୍ଥାର ଯାଂଚ ଏବଂ ପର୍ଯ୍ୟବେକ୍ଷଣ) ଅନୁଷ୍ଠିତ ହେଲା ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ ବ ଅଙ୍କ ପ୍ରତିନିଧି ମୁକରମ୍ ଶ୍ରୀମାନ ମୌଲାନା ମୁହମ୍ମଦ ଇନଆମ ଘୋରୀ ସାହେବ ନାଜିରେ ଆଲା ଏବଂ ଅମୀର ଜମାତ ଅହେମଦୀୟା କାଦିଆନ ଜଲସା ଗାହ୍ ବୁସ୍ତାନ ଅହେମଦଠାରେ ପହଂଚିଲେ ତାଙ୍କର ସ୍ୱାଗତ ***ଅହଲୌଁ ଓ୍ୱ ସହଲଉଁ ଓ୍ୱ ମରହବା*** ସ୍ଲୋଗାନ ଲଗାଇ କରାଗଲା । ସେ ସର୍ବ ପ୍ରଥମେ ଜଲସା ସାଲାନାର ବିଭାଗଗୁଡ଼ିକର ବ୍ୟାନର ତଳେ ଛିଡ଼ା ହୋଇଥିବା ମୁତଜିମିନ ଏବଂ ନାଜିମୀନ ଏବଂ କାରକୁନାନ (କର୍ମୀ) ମାନଙ୍କ ସହିତ ସାକ୍ଷାତ କରିଲେ ଏବଂ ହାତ ମିଳାଇଲେ । ତାପରେ ହଜୁର ଅନଓ୍ୱର ଅ ବ ଅଙ୍କ ପ୍ରତିନିଧି ମୁକରମ୍ ଶ୍ରୀମାନ ମୌଲାନା ମୁହମ୍ମଦ ଇନଆମ ଘୋରୀ ସାହେବ ମହିଳାମାନଙ୍କ ପେଣ୍ଡାଲକୁ ଚାଲିଗଲେ । ଏହି ସମାରୋହର ପ୍ରାରମ୍ଭ ପବିତ୍ର କୁରଆନର ଆବୃତି ସଙ୍ଗେ ହେଲା । ପବିତ୍ର କୁରଆନର ଆବୃତି ଜାମିଆ ଅହେମଦୀୟା କାଦିଆନର ବିଦ୍ୟାର୍ଥି ହୁମାୟୁଁ ରଶିଦ ସାହେବ କଲେ । ପୁଣି ତାହାର ଉର୍ଦ୍ଦୁ ଅନୁବାଦ ପାଠକରି ଶୁଣାଇଲେ । ତାପରେ ହଜୁର ଅନଓ୍ୱର ଅ ବ ଅଙ୍କ ପ୍ରତିନିଧି ମୁକରମ୍ ଶ୍ରୀମାନ ମୌଲାନା ମୁହମ୍ମଦ ଇନଆମ ଘୋରୀ ସାହେବ ଅଭିଭାଷଣ ପ୍ରଦାନ କଲେ । ଠିକ ୧୧:୩୦ ମିନିଟରେ ସାମୁହିକ ପ୍ରାର୍ଥନା କରିବା ପରେ ଏହି ସମାରୋହର ପରିସମାପ୍ତି ହେଲା ।

**୨୩ ଡ଼ିସେମ୍ବର ୨୦୨୨, ପବିତ୍ର ଜୁମା ଏବଂ ଜଲସା ସାଲାନାର ପ୍ରଥମ ଦିବସ**

ଅତିଥିମାନେ ସକାଳୁ ସକାଳୁ ଶୀଘ୍ର ଶୀଘ୍ର ଆସି ଜଲସା ଗାହର ପରିସର ମଧ୍ୟରେ ବସିବା ଆରମ୍ଭ କରିଦେଲେ ଏବଂ ଧିରେ ଧିରେ ଦୁଆ କରିଚାଲିଲେ । ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇ ନାରାଏ ତକବୀର ଅଲ୍ଲାହୁ ଅକବର ସ୍ଲୋଗାନ ଲଗାଉଥିଲେ । ଏହି ଦୃଶ୍ୟ ବହୁତ ମନୋରମ ଥିଲା ।

**ପରଚମ କୁଶାଇ (ପତାକା ଉତୋଳନ)**

ଶ୍ରୀମାନ ମୌଲାନା ମୁହମ୍ମଦ କରିମୁଦ୍ଦୀନ ସାହେବ ଶାହିଦ ସଦର ଅଞ୍ଜୁମନ ଅହେମଦୀୟା କାଦିଆନର ସଭାପତି ଠିକ ସକାଳ ଦଶଟାରେ ଅହେମଦୀୟତର ଧ୍ୱଜାକୁ ଉତୋଳନ କଲେ । ପୁଣି ସାମୁହିକ ପ୍ରାର୍ଥନା କରାଇଲେ ।

**ଉଦଘାଟନୀ ଅଭିଭାଷଣ**

ମାନ୍ୟବର ମୌଲାନା ମୁହମ୍ମଦ କରିମୁଦ୍ଦୀନ ସାହେବ ଶାହିଦ ସଦର ଅଞ୍ଜୁମନ ଅହେମଦୀୟା କାଦିଆନର ସଭାପତି ମହୋଦୟଙ୍କ ଅଧ୍ୟକ୍ଷତାରେ ଏହି ଉଦଘାଟନୀ ସଭା ଅନୁଷ୍ଠିତ ହେଲା । ତିଲାଓ୍ୱତ କଲାମେ ପାକ ଅର୍ଥାତ ପବିତ୍ର କୁରଆନର ଆବୃତି ଶ୍ରୀମାନ ତାରିକ ଅହେମଦ ଲୋନ ସାହେବ ଆଫ୍ କଶ୍ମିରୀ କଲେ । ସେ ସୁରଃ ସଫର ଆୟତ ନଂ-୭-୧୦ ଆବୃତି କଲେ । ତାହାର ଉର୍ଦ୍ଦୁ ଅନୁବାଦ ଶ୍ରୀମାନ ମୌଲଓ୍ୱି କଲିମୁଦ୍ଦୀନ ସାହେବ କାଜି ସିଲସିଲା ନିଜାମତ ଦାରୁଲ କଜା କାଦିଆନ ପାଠ କରି ଶୁଣାଇଲେ ।

ତାପରେ ମାନ୍ୟବର ମୌଲାନା ମୁହମ୍ମଦ କରିମୁଦ୍ଦୀନ ସାହେବ ଶାହିଦ ସଦର ଅଞ୍ଜୁମନ ଅହେମଦୀୟା କାଦିଆନର ସଭାପତି ମହୋଦୟ ଉଦଘାଟନୀ ଅଭିଭାଷଣ ପ୍ରଦାନ କଲେ ।

ତାପରେ ଶ୍ରୀମାନ ତନଓ୍ୱିର ଅହେମଦ ସାହେବ ନାସିର ନାଏବ ନାଜିର ନଶରୋ ଇଶାଅତ କାଦିଆନ ହଜରତ ମସଲେହ ମଉଦ ର ଅ ଙ୍କ ଲିଖିତ ନଜମ (କବିତା) ଅତ୍ୟନ୍ତ ସୁନ୍ଦର ସ୍ୱରରେ ପଢି ଶୁଣାଇଲେ ।

ଏହି ସଭାର ପ୍ରଥମ ଅଧିବେଶନର ପ୍ରଥମ ବକ୍ତବ୍ୟ ଶ୍ରୀମାନ ମୌଲାନା ମୁହମ୍ମଦ ଇନଆମ ଘୋରୀ ସାହେବ ନାଜିରେ ଆଲା ଏବଂ ଅମୀର ଜମାତ ଅହେମଦୀୟା କାଦିଆନ ଆଁ ହଜରତ ସ ଆ ସଙ୍କ ପବିତ୍ର ଜୀବନୀ ଉପରେ ପ୍ରଦାନ କଲେ । ତାଙ୍କ ଭାଷଣର ବିଷୟବସ୍ତୁ ଥିଲା "ଶାନ୍ତି ପ୍ରତିଷ୍ଠା ଦିଗରେ ଆଁ ହଜରତ ସ ଆ ସଙ୍କ ପବିତ୍ର ଶିକ୍ଷା ଏବଂ ଆଁ ହଜରତ ସ ଆ ସଙ୍କ ପବିତ୍ର ଆଦର୍ଶ ।"

ତାପରେ ଶ୍ରୀମାନ ମୌଲାନା ମୁନୀର ଅହେମଦ ଖାଦିମ ସାହେବ ଏଡ଼ିଶନାଲ ନାଜିର ଇସଲାହ ଓ୍ୱ ଇରଶାଦ ଜୁନୁବି ହିନ୍ଦ (ଦକ୍ଷିଣ ଭାରତ)" ହଜରତ ମସିହ ମଉଦ ଆ ସ ଙ୍କ ଜୀବନୀରୁ ତାଙ୍କର ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଏବଂ ତାଙ୍କ ପ୍ରାର୍ଥନାଗୁଡ଼ି ଗ୍ରହଣୀୟ ହେବା "ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କଲେ । କ୍ରମଶଃ .....

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ନିଯୁକ୍ତ କରୁଥିଲେ,ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ବିଭିନ୍ନ ଡ୍ୟୁଟି ଦିଆଯାଇଥିଲା । ଅମୀର ଏବଂ ସେମାନଙ୍କ ପ୍ରତିନିଧି ମାନଙ୍କର ମଧ୍ୟ ଆର୍ଥିକ ଦୟିତ୍ୱ ଥିଲା । ସେମାନେ ନିଜ ନିଜର ଅଂଚଳରେ ସେହି ଇଲାକାର ଧନୀ ଲୋକମାନଙ୍କଠାରୁ ଜକାତ ଅସୁଲ କରି ଗରିବ ଲୋକମାନଙ୍କ ମଧ୍ୟରେ ବାଂଟି ଦେଉଥିଲେ ଏବଂ ଅଣ ମୁସଲମାନମାନଙ୍କଠାରୁ ଜିଜିଆ ନେଇ ବୟତୁଲ ମାଲରେ ଜମା କରିଦେଉଥିଲେ । ସେମାନଙ୍କର ଏହି ଦାୟିତ୍ୱ ରସୁଲେ କରିମ ସ ଆ ସ ଙ୍କ ସମୟରୁ ଚାଲିଆସୁଥିଲା । ରସୁଲେ କରିମ ସ ଆ ସଙ୍କ ସମୟରେ ହୋଇଥିବା ଚୁକ୍ତି ଗୁଡ଼ିକର ନବୀକରଣ ହୋଇଥିଲା । ନଜରାନର ଓ୍ୱାଲି ରସୁଲେ କରିମ ସ ଆ ସ ଏବଂ ନଜରାନର ଅଧିବାସୀମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ତଜଦିଦ (ନବୀକରଣ) କରିଥିଲେ । କାରଣ ନଜରାନର ଖ୍ରୀଷ୍ଟିଆନମାନେ ଏହା ଦାବି କରିଥିଲେ । ଅମୀରମାନେ ନିଜ ନିଜ ଇଲାକାରେ ଲୋକମାନଙ୍କୁ ଧର୍ମଶିକ୍ଷା ଦେବା ଏବଂ ଇସଲାମର ପ୍ରଚାର ପ୍ରସାର କରିବାରେ ସକ୍ରିୟ ଭୂମିକ ଗ୍ରହଣ କରୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ମସଜିଦଗୁଡ଼ିକରେ ଯାଇ ସର୍କଲ ତିଆରି କରି ଲୋକମାନଙ୍କୁ ପବିତ୍ର କୁରଆନ ଏବଂ ଇସଲାମୀୟ ନିୟମ ଏବଂ ଆଚରଣ ଶିକ୍ଷା ଦେଉଥିଲେ । ସେମାନେ ଏପରି କାର୍ଯ୍ୟ ରସୁଲେ କରିମ ସ ଆ ସଙ୍କ ସୁନ୍ନତ (କାର୍ଯ୍ୟପଦ୍ଧତି) ର ଅନୁସରଣରେ କରୁଥିଲେ । ଏହି ଦାୟିତ୍ୱ ରସୁଲେ କରିମ ସ ଆ ସ ଏବଂ ତାଙ୍କ ଖଲିଫା ହଜରତ ଅବୁ ବକର ର ଅ ଙ୍କ ଦୃଷ୍ଟିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିଲା । ତେଣୁ ହଜରତ ଅବୁ ବକର ର ଅଙ୍କ ଦ୍ୱାରା ନିଯୁକ୍ତ ପାଇଥିବା ଅମୀର ଏବଂ ଗଭର୍ଣ୍ଣରମାନେ ଏହି କର୍ତବ୍ୟ ଏବଂ ଦାୟିତ୍ୱକୁ ଖୁବ ଭଲ ଭାବରେ ନିର୍ବାହ କରୁଥିଲେ । ଏପରିକି ଜଣେ ଐତିହାସିକ ହଜରତ ଅବୁ ବକର ର ଅ ଙ୍କ ଦ୍ୱାରା ହଜରେ ମୌତର ଅମୀର ଭାବରେ ନିଯୁକ୍ତ ହୋଇଥିବା ଜିୟାଦ ବିନ ଲବିଦଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ, ସକାଳ ହେବା ମାତ୍ରକେ ଲୋକମାନଙ୍କୁ ପବିତ୍ର କୁରଆନ ପଢାଇବା ପାଇଁ ଚାଲିଯାଉଥିଲେ । ସେ ଅମୀର ହେବା ପୂର୍ବରୁ ଯେମିତି ପବିତ୍ର କୁରଆନର ଶିକ୍ଷା ଦେଇଆସୁଥିଲେ । ଏହିପରି ଭାବରେ ତାଲିମ ତରବିୟତ (ଅର୍ଥାତ ଶିକ୍ଷା ଓ ପ୍ରଶିକ୍ଷଣ) ଜରିଆରେ ସେହି ଅମୀରମାନେ ନିଜ ନିଜର ଇଲାକାରେ ଇସଲାମର ପ୍ରଚାର ପ୍ରସାର କ୍ଷେତ୍ରରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ଏହି ଶିକ୍ଷା ପାଇଁ ଇସଲାମ ଦ୍ୱାରା ପରାଜିତ ହୋଇଥିବା ଅଂଚଳ ଗୁଡ଼ିକରେ ତଥା ମୁରତଦ୍ ହୋଇଯାଇଥିବା ଏବଂ ବିଦ୍ରୋହ କରାଯାଉଥିବା ଇଲାକାରେ ଇସଲାମ ଦୃଢ ହୋଇଥିଲା । ଏମିତ ଇଲାକା ଯେଉଁ ଇଲାକାର ଅଧିବାସୀମାନେ ନୂଆ ନୂଆ ମୁସଲମାନ ହୋଇଥିଲେ,ଏବଂ ଧମ୍ୟଶିକ୍ଷା ଓ ଧର୍ମ ସମ୍ବନ୍ଧୀୟ ନୀତି ନିୟମ ବିଷୟରେ ଅବଗତ ନଥିଲେ,ସେହି ସବୁ ଇଲାକାରେ ଏହି ଶିକ୍ଷାର ଯଥେଷ୍ଟ ପରିଣାମ ମିଳିଥିଲା । ଏତତବ୍ୟତୀତ ଇସଲାମର ମଜଭୁତ ମର୍କଜ (କେନ୍ଦ୍ର)ଗୁଡିକରେ, ଉଦାହରଣ ସ୍ୱରୂପ ମକ୍କା, ମଦିନା ଏବଂ ତାଇଫରେ ମଧ୍ୟ ଏପରି ମୁଅଲ୍ଲିମୀନ (ଶିକ୍ଷକମାନେ) ନିଯୁକ୍ତ ଥିଲେ,ଯେଉଁମାନେ ଲୋକମାନଙ୍କର ଶିକ୍ଷା ଏବଂ ପ୍ରଶିକ୍ଷଣ କାର୍ଯ୍ୟକୁ ସମ୍ପାଦନ କରୁଥିଲେ । ଏସବୁ କିଛି ତାଙ୍କ ଖଲିଫାଙ୍କର ବା ତାଙ୍କ ଅମୀରଙ୍କ ନିର୍ଦ୍ଦେଶ ମୁତାବକ ହେଉଥିଲା ବା ଯାହାଙ୍କୁ ଖଲିଫା ବିଶେଷ ଭାବରେ ବିଭିନ୍ନ ଇଲାକାରେ ଏହି ତାଲିମ ତରବିୟତ କରିବା ପାଇଁ ନିଯୁକ୍ତ କରୁଥିଲେ,ସେମାନେ ଏହି କାର୍ଯ୍ୟକୁ ସମ୍ପାଦନ କରୁଥିଲେ । ସେହି ସବୁ ଇଲାକାର ଅମୀର ବା ଗଭର୍ଣ୍ଣର ନିଜ ରାଜ୍ୟର ପ୍ରଶାସନିକ କାର୍ଯ୍ୟ ପାଇଁ ସିଧାସଳଖ ଦାୟୀ ଥିଲେ । ଯଦି ତାଙ୍କୁ କୌଣସି ଇଲାକା ଯାତ୍ରା କରିବାକୁ ହୁଏ,ସେ ନିଜର ନାଏବ (ଡେପୁଟି) ନିଯୁକ୍ତ କରୁଥିଲେ,ସେହି ନାଏବ (ଡେପୁଟି) ତାଙ୍କ ଫେରିବା ପର୍ଯ୍ୟନ୍ତ ପ୍ରଶାସନିକ କାର୍ଯ୍ୟର ତଦାରଖ କରୁଥିଲେ । ଏହାର ଗୋଟିଏ ଉଦାହରଣ ହେଉଛି ଏପରି କି ହଜରତ ମୁହାଜିର ବିନ ଅବି ଉମୈୟା ର ଅଙ୍କୁ ରସୁଲେ କରିମ ସ ଆ ସ କିନ୍ଦାର ଗଭର୍ଣ୍ଣର ଭାବରେ ନିଯୁକ୍ତି ଦେଇଥିଲେ । ଆଁ ହଜରତ ସ ଆ ସଙ୍କ ଦେହାନ୍ତ ପରେ ହଜରତ ଅବୁ ବକର ର ଅ ମଧ୍ୟ ସେହି ପଦବୀରେ ତାଙ୍କୁ ବଜାୟ ରଖିଥିଲେ । ହଜରତ ମୁହାଜିର ବିନ ଅବି ଉମୈୟା ର ଅ ନିଜର ଅସୁସ୍ଥତା ଯୋଗୁଁ ୟମନ ଯାଇପାରିଲେ ନାହିଁ,ମଦିନାରେ ରହିଗଲେ ଏବଂ ନିଜର ଆରୋଗ୍ୟ ତଥା ୟମନ ଫେରିବା ପର୍ଯ୍ୟନ୍ତ ନିଜ ସ୍ଥାନରେ ଜିୟାଦ ବିନ ଲବିଦ ର ଅଙ୍କୁ ସେଠୁ ପଠାଇଦେଲେ ଯେ ସେ ଯାଇ ତାଙ୍କର କାର୍ଯ୍ୟକୁ ସମ୍ପାଦନ କରୁଥିବେ । ସେହିପରି ଇରାକରେ ଗଭର୍ଣ୍ଣର ଥିବା ସମୟରେ ହଜରତ ଖାଲିଦ୍ ବିନ ଓ୍ୱଲିଦ ର ଅ ନିଜ ଅନୁପସ୍ଥିତିରେ ହିରା ଫେରିବା ପର୍ଯ୍ୟନ୍ତ ନିଜର ନାଏବ (ଡେପୁଟି) ନିଯୁକ୍ତ କରିଆସୁଥିଲେ । (ହଜରତ ଅବୁ ବକର ର ଅଙ୍କ ଜୀବନୀର ସୁବର୍ଣ୍ଣ ଘଟଣାବଳୀ ,ଲେଖକ ଅବ୍ଦୁଲ ମାଲିକ ମୁଜାହିଦ, ପୃ- ୧୮୮,୧୮୯, ମକତବାଃ ଦାରୁସ ସଲାମ ଅରରିୟାଜ)

ଆଗକୁ ମଧ୍ୟ ଏ ବିଷୟରେ ଚର୍ଚ୍ଚା ଜାରି ରହିବ । ଇନଶାଅଲ୍ଲାଃ ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

" ଅଲ୍ଲାଃଙ୍କ ରସୁଲ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ ହଜରତ ଅବୁ ବକର ର ଅଙ୍କ ସମ୍ବନ୍ଧରେ କହିଛନ୍ତି ଯେ ଯଦି କିଏ ଏହା ଦେଖିବାକୁ ଚାହୁଁଛି ଯେ ଜଣେ ମୃତ ବ୍ୟକ୍ତି କିପରି ଏ ଭୂଇଁ ଉପରେ ଚଳବିଚଳ କରୁଅଛି,ତା'ହେଲେ ସେ ଅବୁ ବକର ର ଅଙ୍କୁ ଦେଖୁ । ଅବୁ ବକର ର ଅଙ୍କ ପଦମର୍ଯ୍ୟାଦା ତାଙ୍କ ବାହ୍ୟ କର୍ମ ଉପରେ ଆଧାରିତ ନୁହେଁ ବରଂ ତାଙ୍କ ହୃଦୟ ମଧ୍ୟରେ ଥିବା ଅନ୍ତରିକ ବିଷୟ ଉପରେ ଅର୍ଥାତ ତାଙ୍କ ଅନ୍ତରରେ ଯାହା କିଛି ଅଛି ତା ଉପରେ ଆଧାରିତ''

(ହଜରତ ମସିହ ମଉଦ ଆ ସ)

ହଜରତ ଅବୁ ବକର ର ଅ ଗଛ ଉପରେ ବସିଥିବା ଗୋଟିଏ ପକ୍ଷୀକୁ ଦେଖିଲେ । ସେ କହିଲେ ହେ ପକ୍ଷୀ ! ତୁମକୁ ସୁସମାଚାର ହେଉ । ଅଲ୍ଲାଃଙ୍କ ରାଣ ! ମୁଁ ଚାହୁଁଛି ଯେ କାଳେ ମୁଁ ତୁମପରିକା ହୋଇଥାଆନ୍ତି କି ? ତୁମେ ଗଛ ଉପରେ ବସି ଫଳ ଖାଉଛ ପୁଣି ଉଡ଼ି ଯାଉଛ । ନା ତୁମର କୌଣସି ହିସାବ ହେବ ଓ ନା ତୁମକୁ କୌଣସି ଦଣ୍ଡ ମିଳିବ (ହଦିସ କନଜୁଲ ଆମାଲ)

## ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଧିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଜୀବନୀରୁ ତାଙ୍କର କେତେକ ସଫଳତାର ବ୍ୟାପକ ଚର୍ଚ୍ଚା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ: ୧୬ ସେପ୍ଟେମ୍ବର ୨୦୨୨ ଅନୁଯାୟୀ ୧୬ ତବୁକ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ଅବୁ ବକର ସିଦ୍ଧିକ ର ଅଙ୍କ ଖିଲାଫତ ସମୟର ଉଲ୍ଲେଖନୀୟ ସଫଳତା ବିଷୟରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ଜିମ୍ମିମାନଙ୍କ ଅଧିକାର ବିଷୟରେ କିଛି ବିବରଣୀ ରହିଛି । ଜିମ୍ମି ହେଉଛନ୍ତି ସେହିମାନେ,ଯେଉଁମାନେ ଇସଲାମୀୟ ସରକାରଙ୍କ ଆଜ୍ଞାବହତା ସ୍ୱୀକାର କରିଥିଲେ କିନ୍ତୁ ଧର୍ମ ସଂକ୍ରାନ୍ତରେ,ସେମାନେ ନିଜ ଧର୍ମ ଉପରେ ପରିଚାଳିତ ହେଉଥିଲେ । ସେମାନଙ୍କ ସୁରକ୍ଷା ପାଇଁ ଇସଲାଲମିକ ସରକାର ଦାୟିତ୍ୱ ବହନ କରିଥିଲେ । ମୁସଲମାନମାନଙ୍କ ବିପରୀତ ଏହି ଲୋକମାନଙ୍କୁ ସାମରିକ ସେବାରୁ ମୁକ୍ତ କରାଯାଇଥିଲା । ସେମାନଙ୍କ ଉପରେ ଜକାତ ଲାଗୁ କରାଯାଇନଥିଲା । ସେଥିଯୋଗୁଁ ସେମାନଙ୍କ ଜୀବନ,ଧନ ଏବଂ ଅନ୍ୟାନ୍ୟ ମାନବିକ ଅଧିକାରର ସୁରକ୍ଷା ପ୍ରତିବଦଳରେ ସେମାନଙ୍କଠାରୁ ଅଳ୍ପ କିଛି ମାତ୍ରାରେ ଟିକସ ସଂଗ୍ରହ କରାଯାଉଥିଲା,ଯାହାକୁ ସର୍ବସାଧାରଣରେ ଜିଜିୟା କର କୁହାଯାଏ । ଏହାର ମୁଣ୍ଡପିଛା ପରିମାଣ ବାର୍ଷିକ କେବଳ ଚାରି ଦିରହମ ଥିଲା ଏବଂ ଏହା କେବଳ ପ୍ରାପ୍ତ ବୟସ୍କ,ସୁସ୍ଥ ଏବଂ ଦକ୍ଷ ବ୍ୟକ୍ତିଙ୍କଠାରୁ ଅସୁଲ କରାଯାଉଥିଲା । ବୃଦ୍ଧ, ଭିନ୍ନକ୍ଷମ, ଗରିବ, ଅଭାବି ଏବଂ ପିଲାମାନେ ଏହି କର ଦେବାରୁ ମୁକ୍ତ ଥିଲେ । ବରଂ ଭିନ୍ନକ୍ଷମ ତଥା ଅଭାବୀ ଲୋକମାନଙ୍କୁ ଇସଲାମୀୟ ବୟତୁଲ ମାଲ (ରାଜକୋଷ) ରୁ ସହାୟତା ପ୍ରଦାନ କରାଯାଉଥିଲା । ଇରାକ ଏବଂ ସିରିଆ ବିଜୟ ସମୟରେ ଅନେକ କବିଲା (ଜନଜାତି) ଏବଂ ଅଧିବାସୀମାନେ ଜିଜିଆ ଆଧାରରେ ଇସଲାମୀୟ ସରକାରଙ୍କ ପ୍ରଜା ହୋଇଯାଇଥିଲେ । ସେମାନଙ୍କ ସହିତ ଯେଉଁ ଚୁକ୍ତି ହେଲା,ସେଥିରେ ଏପରି ଧାରାଗୁଡ଼ିକୁ ମଧ୍ୟ ରଖାଯାଇଥିଲା ଯେ ସେମାନଙ୍କର ଉପାସନା ପୀଠ ଏବଂ ଗୀର୍ଜାଗୁଡ଼ିକୁ ଭଙ୍ଗାଯିବ ନାହିଁ କି ସେମାନଙ୍କର କୌଣସି କିଲ୍ଲାକୁ ଭଙ୍ଗାଯିବ,ଯେଉଁ କିଲ୍ଲାଗୁଡ଼ିକରେ ସେମାନେ ଆବଶ୍ୟକ ପଡୁଥିଲେ ଶତୃ ବିରୁଦ୍ଧରେ ଯାଇ ଶରଣ ନେଉଥିଲେ । ଘଂଟି ବଜାଇବା ନିଷେଧ ହେବ ନାହିଁ କି ସେମାନଙ୍କ ପର୍ବପର୍ବାଣିରେ କୃଶ ପ୍ରଦର୍ଶନକୁ ରୋକାଯିବ ନାହିଁ । ***(ଅଶରାଃ ମୁବଶରାଃ ଅଜ ବଶିର ସାଜିଦ, ପୃ-୧୮୩, ଅଲବଦର ପବ୍ଲିକେଶନ୍ସ ଲାହୋର ୨୦୦୦)*** ଅର୍ଥାତ ସେମାନେ କୃଶ ପଦଯାତ୍ରା ମଧ୍ୟ କରିପାରିବେ ।

ହଜରତ ଅବୁ ବକର ର ଅ ଙ୍କ ଖିଲାଫତ ସମୟରେ ହିରାଃ ବାସୀଙ୍କ ସହିତ ହଜରତ ଖାଲିଦ ବିନ ଓ୍ୱଲିଦ ର ଅ ଯେଉଁ ଶାନ୍ତିଚୁକ୍ତି କରିଥିଲେ,ସେଥିରେ ଅନ୍ୟାନ୍ୟ ବିଷୟ ବ୍ୟତୀତ ଏହା ବି ଚୁକ୍ତି କରାଯାଇଥିଲା ଯେ ଏପରି ବୃଦ୍ଧ ଯିଏ କାମକରିବା ପାଇଁ ଅକ୍ଷମ ହୋଇଯିବ ବା ତାକୁ କୌଣସି ରୋଗ ବା କୌଣସି ପ୍ରକାରର ଅସୁବିଧାରେ ରହିଥିବ,ସେ ପ୍ରଥମେ ଧନୀ ଥିବ କିନ୍ତୁ ଯଦି ସେ ଏହିପରି କାରଣ ଯୋଗୁଁ ଗରିବ ହୋଇଯାଏ ଯେ ତା ନିଜ ଧର୍ମର ଲୋକମାନେ ତାକୁ ଦାନ ଦକ୍ଷିଣା ଦେବାକୁ ଲାଗନ୍ତି,ତେବେ ଏପରି ପରିସ୍ଥିତିରେ ଏପରି ବ୍ୟକ୍ତିଙ୍କୁ ଜିଜିୟା କରରୁ ମୁକ୍ତ କରାଯିବ । ଅର୍ଥାତ ଜିଜିଆ କରକୁ ତାପାଇଁ ଶେଷ କରିଦିଆଯିବା ଯେପର୍ଯ୍ୟନ୍ତ ସେ ଦାରୁଲ ହିଜରତ ଏବଂ ଦାରୁସ ସଲାମରେ ରହିବ,ଅର୍ଥାତ ଯେଉଁଠି ଇସଲାମୀୟ ସରକାର ରହିଛି,ସେଠାରେ ରହିବ,ତାହାର ଏବଂ ତା ପରିବାରବର୍ଗଙ୍କ ଖର୍ଚ୍ଚ ମୁସଲମାନମାନଙ୍କ ବୟତୁଲ ମାଲ (ରାଜକୋଷ) ରୁ ଭରଣ କରାଯିବ । ତଥାପି ଯଦି ଏପରି ଲୋକେ ଦାରୁଲ ହିଜରତ ଏବଂ ଦାରୁସ ସଲାମକୁ ଛାଡ଼ି ବାହାରକୁ ଚାଲିଯିବେ,ଅନ୍ୟ କୌଣସି ରାଜ୍ୟକୁ ଚାଲିଯାଏ,ତାହେଲେ ତା ପରିବାରବର୍ଗଙ୍କ ପ୍ରତିପୋଷଣର ଦାୟିତ୍ୱ ମୁସଲମାନମାନଙ୍କର ରହିବ ନାହିଁ । ***(କିତାବ ଅଲଖିରାଜ ଲି ଅବି ୟୁସୁଫ ଫସଲ ଫିଲ କନାଇସ ଓ୍ୱଲ ବଇ, ପୃ-୧୪୮,ପ୍ରକାଶନ ଅଲମକତବାଃ ଅଲତୌଫିକାଃ ୨୦୧୩)***

ଗୋଟିଏ ରିଓ୍ୱାୟତ ଅନୁଯାୟୀ,ହିରାଃର ଅଧିବାସୀମାନଙ୍କ ସହିତ ହଜରତ ଖାଲିଦ ବିନ ଓ୍ୱଲିଦ ର ଅଙ୍କ ଶାନ୍ତି ଚୁକ୍ତିରେ ଏକଥା ଦରଜ କରାଯାଇଥିଲା ଯେ ଅଭାବୀ, ଭିନ୍ନକ୍ଷମ ଏବଂ ଏ ସଂସାରର ମାୟା ମୋହରୁ ଦୂରେଇ ରହିଥିବା ଭିକ୍ଷୁମାନଙ୍କୁ ଜିଜିଆ କରରୁ ମୁକ୍ତ କରାଯିବ ।***(ହଜରତ ଅବୁ ବକର ସିଦ୍ଧିକ ଅକବର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ ମୁତରଜିମ ପୃ-୩୧୮,ମୁଦ୍ରିତ ଇସଲାମୀ କୁତୁବ ଖାନାଃ ଲାହୋର)***

ପୁଣି ପବିତ୍ର କୁରଆନକୁ ସଂଗୃହିତ କରିବା ଭଳି ମହତ କାର୍ଯ୍ୟ ରହିଛି । ଯାହା ହଜରତ ଅବୁ ବକର ର ଅଙ୍କ ସମୟରେ କରାଯାଇଥିଲା । ପବିତ୍ର କୁରଆନକୁ ସଂଗୃହିତ କରିବା ହଜରତ ଅବୁ ବକର ର ଅ ଙ୍କ ରାଜତ୍ୱର ଏକ ଅପୂର୍ବ ସଫଳତା । ଏହାର ପୃଷ୍ଠଭୂମି ମୁସଲେମା କଜ୍ଜାବ ସଙ୍ଗେ ଅନୁଷ୍ଠିତ ହୋଇଥିବା ୟମାମା ଯୁଦ୍ଧ ସହିତ ଜଡ଼ିତ ରହିଛି । ୟମାମା ଯୁଦ୍ଧରେ ବାର ଶହ ମୁସଲମାନ ଶହୀଦ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ବଡ଼ ବଡ଼ ସାହାବାମାନେ ଏବଂ ପବିତ୍ର କୁରଆନକୁ କଣ୍ଠସ୍ଥ କରିଥିବା ଲୋକମାନେ ମଧ୍ୟ ବହୁ ସଂଖ୍ୟକ ଥିଲେ । ଗୋଟିଏ ରିଓ୍ୱାୟତ ମୁତାବକ ଶହୀଦ ହୋଇଥିବା ହାଫିଜ (ପବିତ୍ର କୁରଆନକୁ କଣ୍ଠସ୍ଥ କରିଥିବା ଲୋକ) ମାନଙ୍କର ସଂଖ୍ୟା ସାତ ଶହ ଥିଲା ବୋଲି ବର୍ଣ୍ଣିତ ରହିଛି। ***(ହଜରତ ଅବୁ ବକର ର ଅ ଅଜ ମୁହମ୍ମଦ ହୁସୈନ ହୈକଲ ମୁତରଜିମ ଅଞ୍ଜୁମ ଶହବାଜ୍ ସୁଲତାନ, ପୃ-୩୯୩,ବୁକ କର୍ଣ୍ଣର ଝେଲମ ପାକିସ୍ତାନ) (କୁରଆନ କୈସେ ଜମା ହୁଆ ? ଅଜ ମୌଲାନା ମୁହମ୍ମଦ ଅହମଦ ମିସବାହୀ, ପୃ-୫୮, ମକତବାଃ ଆଲା ହଜରତ ଲାହୋର)***

ସୁତରାଂ ଏହିପରି ପରିସ୍ଥିତିରେ ହଜରତ ଉମର ର ଅ ଙ୍କୁ ଅଲ୍ଲାଃତାଲା ପବିତ୍ର କୁରଆନକୁ ଗୋଟିଏ ସ୍ଥାନରେ ସଂଗ୍ରହ କରିବା ପାଇଁ ଜଣାଇଦେଲେ । ସୁତରାଂ ହଜରତ ଉମର ର ଅ ହଜରତ ଅବୁ ବକର ର ଅଙ୍କୁ ଏ ବିଷୟରେ କହିଲେ । ଯାହାର ବର୍ଣ୍ଣନା ସହି ବୁଖାରୀରେ ଏପରି ବର୍ଣ୍ଣିତ ରହିଛି : ଉବୈଦ ବିନ ସବାକ ବର୍ଣ୍ଣନା କରିଛନ୍ତି ଯେ ହଜରତ ଜୈଦ ବିନ

ସାବିତ ର ଅ କହିଲେ ଯେ ୟମାମାର ଅଧିବାସୀମାନଙ୍କ ସହିତ ଯୁଦ୍ଧ କରିବା ପରେ ହଜରତ ଅବୁ ବକର ର ଅ ତାଙ୍କୁ ଡ଼ାକିଲେ । ମୁଁ ଦେଖିଲି ଯେ ହଜରତ ଉମର ର ଅ ମଧ୍ୟ ତାଙ୍କ ନିକଟରେ ବସିଥିଲେ । ହଜରତ ଅବୁ ବକର ର ଅ କହିଲେ : ଉମର ଏବେ ମୋ ନିକଟକୁ ଆସିଛନ୍ତି, ଏବଂ ସେ କହୁଛନ୍ତି ଯେ ୟମାମା ଯୁଦ୍ଧରେ ପବିତ୍ର କୁରଆନକୁ ହିଫଜ (ଅର୍ଥାତ ମୁଖସ୍ଥ) କରିଥିବା ବହୁତ ଲୋକେ ଶହୀଦ ହୋଇଯାଇଛନ୍ତି । ମୁଁ ଭୟ କରୁଛି ଯେ ଏହିପରି ବିଭିନ୍ନ ଯୁଦ୍ଧରେ ଅନେକ କାରୀ ବା ହାଫିଜ ଶହୀଦ ହୋଇଯିବେ । ଯାହା ଫଳରେ ପବିତ୍ର କୁରଆନର ଅନେକ ଅଂଶ ନଷ୍ଟ ହୋଇଯିବାର ଆଶଂକା ରହିଛି । ତେଣୁ ହଜରତ ଉମର ର ଅ କହିଲେ ଯେ ମୋ ମତରେ ଆପଣ ପବିତ୍ର କୁରଆନକୁ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ହଜରତ ଅବୁ ବକର ର ଅ ହଜରତ ଜୈଦ ର ଅଙ୍କୁ କହିଲେ ଯେ ମୁଁ ଉମର ର ଅଙ୍କୁ କହିଛି ଯେ ତୁମେ ସେହି କାମ କିପରି କରିବ ଯାହାକୁ ରସୁଲେ କରିମ ସ ଆ ସ କରିନାହାନ୍ତି ? ଏଥିରେ ହଜରତ ଉମର ର ଅ କହିଲେ ଯେ ଅଲ୍ଲାଃଙ୍କ ରାଣ ଏହି କାର୍ଯ୍ୟରେ କେବଳ ଭଲ ହିଁ ଭଲ ରହିଛି । ଉମର ର ଅ ଏକଥା ମତେ ଏତେ ଥର କହିଲେ ଯେ ଅଲ୍ଲାଃତାଲା ଏହି କାର୍ଯ୍ୟ କରିବାକୁ ମେ ମନକୁ ଖୋଲିଦେଲା । ଫଳତଃ ମୋର ମଧ୍ୟ ଉମର ର ଅଙ୍କ ପରି ସମାନ ମତ ହୋଇଗଲା । ହଜରତ ଜୈଦ୍ ର ଅ କୁହନ୍ତି ଯେ ହଜରତ ଅବୁ ବକର ର ଅ କହିଲେ : ହେ ଜୈଦ୍ ! ବାସ୍ତବିକ ତୁମେ ଜଣେ ଯୁବକ ଏବଂ ବୁଦ୍ଧିମାନ ବ୍ୟକ୍ତି ଏବଂ ଅମେ ତୁମକୁ ସବୁ ପ୍ରକାରର ଆରୋପରୁ ବା ଦୋଷରୁ ମୁକ୍ତ ବୋଲି ବିବେଚନା କରୁଛୁ । ତୁମେ ରସୁଲେ କରିମ ସ ଅ ସଙ୍କ ନିମନ୍ତେଁ ୱହି (ଐଶିବାଣୀ) ମଧ୍ୟ ଲେଖୁଥିଲେ । ତେଣୁ ତୁମେ ଏବେ ପବିତ୍ର କୁରଆନକୁ ଖୋଜ ଏବଂ ଖୋଜି ତାହାକୁ ଏକାଠି ସଂଗ୍ରହ କରା ହଜରତ ଜୈଦ ର ଅ କୁହନ୍ତି ଯେ ଅଲ୍ଲାଃଙ୍କ ରାଣ ! ଯଦି ସେ ମୋତେ ଏକ ପର୍ବତକୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଦାୟିତ୍ୱ ଦେଇଥାନ୍ତେ,ତାହେଲେ ତାହା ମୋ ପାଇଁ ପବିତ୍ର କୁରଆନକୁ ସଂଗ୍ରହ କରିବାର ଆଦେଶ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇନଥାନ୍ତା । ଏହା ଏକ ମହତ କାର୍ଯ୍ୟ ଥିଲା,ଯାହା ମୋତେ ଦାୟିତ୍ୱ ଦିଆ ଯାଇଥିଲା । ମୁଁ କହିଲି ଆପଣମାନେ ସେ କାର୍ଯ୍ୟ କିପରି କରିବେ,ଯାହାକୁ ରସୁଲେ କରିମ ସ ଆ ସ କରିନାହାନ୍ତି ?

ହଜରତ ଅବୁ ବକର ର ଅ କହିଲେ ଅଲ୍ଲାଃଙ୍କ ରାଣ ! ଏହି କାର୍ଯ୍ୟ ଅତି ଉତମ କାର୍ଯ୍ୟ । ହଜରତ ଅବୁ ବକର ର ଅ ଏତେ ଥର ଏହି କଥାକୁ କହିଲେ ଯେ ଅଲ୍ଲାଃତାଲା ମୋତେ ଏହି କାର୍ଯ୍ୟକୁ କରିବା ପାଇଁ ମୋ ହୃଦୟକୁ ଖୋଲିଦେଲେ । ଅତେବ ମୁଁ ପବିତ୍ର କୁରଆନକୁ ଖୋଜିବା ଆରମ୍ଭ କରିଦେଲି । ତାହାକୁ ଖଜୁରୀ ଗଛର ଶାଖାମାନଙ୍କରୁ,ଧଳା ପଥରଗୁଡ଼ିକରୁ ଏବଂ ଲୋକମାନଙ୍କର ମନ ଭିତରୁ ସଂଗ୍ରହ କଲି । ଏପରିକି ସୁରଃ ତୌବାଃର ଶେଷ ଭାଗଟି ମତେ ହଜରତ ଅବୁ ଖୁଜୈମାଃ ଅନସାରୀ ର ଅ ଙ୍କଠାରୁ ମିଳିଲା,ଯାହା ତାଙ୍କ ବ୍ୟତୀତ ଅନ୍ୟ କାହାଠାରୁ ମତେ ମିଳିନଥିଲା । ସେହି ଆୟତଟି ହେଉଛି ଏମିତି : ***ଲକଦ ଜାଆକୁମ ରସୁଲୁମ୍ ମିନ୍ ଅନଫୁସିକୁମ୍ ଅଜିକୁନ ଆଲୈହେ ମା ଅନିତତୁମ୍ (ସୁରଃ ତୌବାଃ : ୧୨୮)*** ଏହିଠାରୁ ନେଇ ସୁରଃ ତୌବାଃର ଶେଷ ପର୍ଯ୍ୟନ୍ତ । ପୁଣି ପବିତ୍ର କୁରଆନର ପାଣ୍ଡୁଲିପି ହଜରତ ଅବୁ ବକର ରଅଙ୍କ ଦେହାନ୍ତ ପର୍ଯ୍ୟନ୍ତ ତାଙ୍କ ନିକଟରେ ହିଁ ରହିଥିଲା । ପୁଣି ହଜରତ ଉମର ର ଅ ଙ୍କ ଜୀବଦଶାରେ ତାଙ୍କ ନିକଟରେ ହିଁ ରହିଲା । ତାପରେ ହଜରତ ହଫସାଃ ବିନତ ଉମର ର ଅଙ୍କ ନିକଟରେ ରହିଲା । ***(ସହି ବୁଖାରୀ, କିତାବ ଫଜାଇଲୁଲ କୁରଆନ, ବାବ ଜମଉଲ କୁରଆନ୍, ହଦିସ ନଂ-୪୯୮୬)***

ଇମାମ ବଗଓ୍ୱି ନିଜ ପୁସ୍ତକ ଶରହ ସୁନାହରେ ପବିତ୍ର କୁରଆନର ସଂକଳନ ଉପରେ ହାସିଆ ଲେଖି ବର୍ଣ୍ଣନା କରିଛନ୍ତି ଯେ ଯେଉଁ କୁରଆନକୁ ଅଲ୍ଲାଃତାଲା ନିଜ ରସୁଲ ସ ଆ ସଙ୍କ ଉପରେ ଅବତୀର୍ଣ୍ଣ କରିଥିଲେ ତାହାକୁ ସାହାବାମାନେ ଠିକ ସେହିପରି,ସେଥିରେ କୌଣସି ପ୍ରକାରର କମ ବେଶି କରିନଥିଲେ । ଅର୍ଥାତ ସେଥିରେ କିଛି ନିଜ ଆଡୁ ଯୋଗ ନକରି ବା ହ୍ରାସ ନକରି ସମ୍ପୂର୍ଣ୍ଣ ରୂପେ ସଂଗୃହିତ କରିଥିଲେ,ଏବଂ ସାହାବାମାନେ ପବିତ୍ର କୁରଆନକୁ ସଂଗ୍ରହ କରିବାର କାରଣ ହଦିସରେ ବର୍ଣ୍ଣିତ ରହିଛି ଯେ ପ୍ରଥମେ ପବିତ୍ର କୁରଆନ ଖଜୁରୀ ଗଛର ଶାଖାରେ, ପଥର ଖଣ୍ଡମାନଙ୍କରେ, ଶୀଳା ଉପରେ ଏବଂ ହାଫିଜ (ଅର୍ଥାତ ପବିତ୍ର କୁରଆନକୁ ମୁଖସ୍ଥ କରିଥିବା) ଲୋକମାନଙ୍କ ହୃଦୟରେ ଭରି ରହିଥିଲା । ସାହାବାମାନଙ୍କୁ ଚିନ୍ତା ଘାରିଲା ଯେ ହୁଫାଜ କରାମ (ଅର୍ଥାତ ପବିତ୍ର କୁରଆନକୁ ମୁଖସ୍ଥ କରିଥିବା ଲୋକମାନ) ଙ୍କ ଶହୀଦ ହୋଇଯିବା ଦ୍ୱାରା ପବିତ୍ର କୁରଆନର କୌଣସି ଅଂଶ କାଳେ ନଷ୍ଟ ନ ହୋଇଯାଉ । ସେଥିପାଇଁ ସେମାନେ ପବିତ୍ର କୁରଆନକୁ ଗୋଟିଏ ସ୍ଥାନରେ ଜମା (ସଂଗ୍ରହ) କରିବା ପାଇଁ ପରାମର୍ଶ ଦେଲେ । ଏହି କାମ ସମସ୍ତ ସାହାବାମାନଙ୍କ ସହମତିରେ କରାଯାଇଥିଲା । ତେଣୁ ସେମାନେ ପବିତ୍ର କୁରଆନକୁ ଅବିଳମ୍ବେ ଯେଉଁଭଳି ରସୁଲେ କରିମ ସ ଆ ସଙ୍କଠାରୁ ଶୁଣିଥିଲେ,ସେହିପରି ସଂକଳନ କଲେ । ରସୁଲେ କରିମ ସ ଆ ସ ସାହାବାମାନଙ୍କୁ ପବିତ୍ର କୁରଆନ ଶୁଣାଉଥିଲେ ଏବଂ ସେମାନଙ୍କୁ ବିଲକୁଲ ସେହି କ୍ରମରେ ଶିଖାଉଥିଲେ,ଯେଉଁଭଳି ତାହା ବର୍ତମାନ ଆମ ସମ୍ମୁଖରେ ରହିଛି । ଏହି କ୍ରମ ହଜରତ ଜିବ୍ରାଇଲ ଆଁହଜରତ ସ ଆ ସଙ୍କୁ ଶିଖାଇଥିଲେ। ସେ ଆଁହଜରତ ସ ଆ ସଙ୍କୁ ପ୍ରତି ଆୟତର ଅବତୀର୍ଣ୍ଣ ହେବା ସମୟରେ ଏହା ବତାଇଦେଉଥିଲେ ଯେ ଏହି ଆୟତକୁ ଅମକ ସୁରଃରେ ଅମକ ଆୟତ ପରେ ରଖାଯାଉ । ***(ଶରହ ସୁନ୍ନଃ କିତାବ ଫଜାଇଲୁଲ କୁରଆନ, ବାବ ଜମଉଲ କୁରଆନ, ରିୱାୟତ ୧୨୩୨,ଖ-୦୨, ପୃ-୪୮୪-୪୮୫, ଅଲମକତବତୁଲ ତୌଫିକାଃ ୨୦୧୪)*** ପବିତ୍ର କୁରଆନକୁ ଜମା (ସଂଗୃହିତ) କରିବାର କାର୍ଯ୍ୟ ହଜରତ ଅବୁ ବକର ର ଅଙ୍କ ସମୟରେ ହୋଇଥିଲା। ହଜରତ ଅଲୀ ର ଅ ସେ ବିଷୟରେ କହିଛନ୍ତି ଯେ ଅଲ୍ଲାଃତାଲା ହଜରତ ଅବୁ ବକର ର ଅଙ୍କ ଉପରେ ଦୟା କରନ୍ତୁ । ସେ ହିଁ ସର୍ବପ୍ରଥମେ ପବିତ୍ର କୁରଆନକୁ ପୁସ୍ତକ ଆକାରରେ ସଂରକ୍ଷଣ କରିଥିଲେ । ***(ମୁସନ୍ନିଫ ଇବନେ ଅବୁ ଶୈବାଃ, ଫଜାଇଲୁଲ କୁରଆନ, ରିୱାୟତ ନଂ-୩୦୮୫୬ ମୁତରଜିମ, ଖ-୦୮, ପୃ-୮୨୭, ମକତବାଃ ରହମାନିୟାଃ ଲାହୋର)***

ହଜରତ ମୁସଲେହ ମଉଦ ର ଅ ପବିତ୍ର କୁରଆନକୁ ସଂଗୃହିତ କରିବା ପ୍ରସଙ୍ଗରେ ବର୍ଣ୍ଣନା କରି କହିଛନ୍ତି ଯେ "ଯେଉଁ କଥା ସେ ପର୍ଯ୍ୟନ୍ତ ହୋଇନଥିଲା,ତାହା କେବଳ ଏହା ଥିଲା ଯେ ପବିତ୍ର କୁରଆନ ଗୋଟିଏ ଗ୍ରନ୍ଥଖଣ୍ଡ (ଭଲ୍ୟୁମ) ଆକାରରେ ଏକତ୍ର ହୋଇନଥିଲା । ଯେବେ ସେହି ଯୁଦ୍ଧରେ (ଅର୍ଥାତ ୟମାମା ଯୁଦ୍ଧରେ) ପାଂଚ ଶହ ହାଫିଜେ କୁରଆନ (ଅର୍ଥାତ ପବିତ୍ର କୁରଆନକୁ ମୁଖସ୍ଥ କରିଥିବା ଲୋକେ) ଶହୀଦ ହେଲେ,ସେତେବେଳେ ହଜରତ ଉମର ର ଅ ହଜରତ ଅବୁ ବକର ର ଅଙ୍କ ନିକଟକୁ ଗଲେ ଏବଂ ନିବେଦନ କଲେ ଯେ ଗୋଟିଏ ଯୁଦ୍ଧରେ ପାଂଚଶହ ହାଫିଜେ କୁରଆନ ଶହୀଦ ହୋଇଯାଇଛନ୍ତି,ଏବେ ଆଗକୁ ଆହୁରି ଅନେକ ଯୁଦ୍ଧ ହେବାକୁ ଅଛି,ଯଦି ଆଉ ଅନ୍ୟ ହାଫିଜମାନେ ଶହୀଦ ହୋଇଯାଆନ୍ତି,ତାହେଲେ ପବିତ୍ର କୁରଆନ ପତି ଆଶଙ୍କା ସୃଷ୍ଟି ହୋଇଯିବ । ତେଣୁ ପବିତ୍ର କୁରଆନକୁ ଗୋଟିଏ ଗ୍ରନ୍ଥଖଣ୍ଡ (ଭଲ୍ୟୁମ)ରେ ସଂଗ୍ରହ କରିନେବା ଉଚିତ । ହଜରତ ଅବୁ ବକର ର ଅ ପ୍ରଥମେ ତ ଏକଥାକୁ ଅସ୍ୱୀକାର କରିଥିଲେ କିନ୍ତୁ ପରେ ହଜରତ ଉମର ର ଅଙ୍କ କଥାକୁ ମାନିନେଇଥିଲେ ।

ହଜରତ ଅବୁ ବକର ର ଅ ହଜରତ ଜୈଦ ବିନ ସାବିତ ର ଅଙ୍କୁ ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ନିୟୋଜିତ କଲେ । ହଜରତ ଜୈଦ ବିନ ସାବିତ ର ଅ ରସୁଲେ କରିମ ସ ଆ ସ ଙ୍କ ଜୀବଦଶାରେ (ରସୁଲେ କରିମଙ୍କ ଆଦେଶମୁତାବକ) ପବିତ୍ର କୁରଆନ ଲେଖୁଥିଲେ ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ବଡ ବଡ ସାହାବାମାନଙ୍କୁ ନିଯୁକ୍ତ କରିଥିଲେ ।

ଯଦିଓ ହଜାର ହଜାର ସାହାବା ପବିତ୍ର କୁରଆନକୁ ମୁଖସ୍ଥ କରିରଖିଥିଲେ କିନ୍ତୁ ପବିତ୍ର କୁରଆନକୁ ଲେଖିବା ସମୟରେ ହଜାର ହଜାର ସାହାବାଙ୍କୁ ଏକାଠି କରିବା ଅସମ୍ଭବ ଥିଲା,ତେଣୁ ହଜରତ ଅବୁ ବକର ର ଅ ନିର୍ଦ୍ଦେଶ ଦେଲେ ଯେ ପବିତ୍ର କୁରଆନକୁ ଲିଖିତ ଗ୍ରନ୍ଥ ଆକାରରେ ସଂରକ୍ଷଣ କରାଯା,ଏବଂ ତତସହିତ ଏକଥା ପ୍ରତି ଯତ୍ନବାନ ହେବେ ଯେ ଅତି କମରେ ଦୁଇଜଣ ବା ତତୋଧିକ ହାଫିଜ ଏହାର ତସଦିକ (ସମ୍ମତି) ଦେଉଥିବେ । ଅତେବ ଭିନ୍ନ ଭିନ୍ନ ଚମଡ଼ା ଉପରେ ଏବଂ ହାଡ଼ଖଣ୍ଡ ଉପରେ ଲେଖାଯାଇଥିବା ପବିତ୍ର କୁରଆନର ଅଂଶକୁ ଗୋଟିଏ ସ୍ଥାନରେ ଏକାଠି କରିଦିଆଗଲା ଏବଂ ପବିତ୍ର କୁରଆନର ହାଫିଜମାନଙ୍କ ଦ୍ୱାରା ତାହାକୁ ନିଶ୍ଚିତ କରାଗଲା । ଯଦି ପବିତ୍ର କୁରଆନ ସମ୍ବନ୍ଧରେ କୌଣସି ସନ୍ଦେହ ହୋଇପାରେ,ତାହେଲେ ରସୁଲେ କରିମ ସ ଆ ସଙ୍କ ଦେହାନ୍ତ ଏବଂ ସେହି ଅବଧିର ମଧ୍ୟବର୍ତୀ ସମୟ ବିଷୟରେ ହୋଇପାରେ । କିନ୍ତୁ କ'ଣ ଜଣେ ବୁଦ୍ଧିମାନ ଲୋକ ଏକଥାକୁ ସ୍ୱୀକାର କରିପାରିବ ଯେ ଯେଉଁ ପୁସ୍ତକକୁ ପ୍ରତ୍ୟହ ପାଠ କରାଯାଉଥିଲା,ଏବଂ ଯେଉଁ ପୁସ୍ତକକୁ ପ୍ରତି ରମଜାନ ମାସରେ ଉଚ୍ଚ ସ୍ୱରରେ ପାଠ କରି ଅନ୍ୟ ମୁସଲମାନମାନଙ୍କୁ ହାଫିଜମାନେ ଶୁଣାଉଥିଲେ,ଏବଂ ସମଗ୍ର କୁରଆନକୁ ହଜାର ହଜାର ଲୋକେ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ହିଫଜ (ମୁଖସ୍ଥ) କରିରଖିଥିଲେ ଏବଂ ଯେଉଁ ପୁସ୍ତକକୁ କେବଳ ଗୋଟିଏ ଗ୍ରନ୍ଥ ଆକାରରେ ଏକତ୍ର କରାଯାଇନଥିଲା,କିନ୍ତୁ କୋଡି କୋଡି ସାହାବା ତାହାକୁ ଲେଖୁଥିଲେ ଏବଂ ଖଣ୍ଡ ଖଣ୍ଡ ଆକାରରେ ଲେଖାଯାଇ ତାହା ସବୁ ମହଜୁଦ ରଖାଯାଇଥିଲା,ତେଣୁ ତାହାକୁ ଗୋଟିଏ ଗ୍ରନ୍ଥ (ଭଲ୍ୟୁମ) ଆକାରରେ ଏକାଠି କରି ସଂଗ୍ରହ କରିବା ପାଇଁ କାହାକୁ ବା ଅସୁବିଧା ହୋଇପାରିଥାନ୍ତା ? ଏବଂ ପୁଣି ଏପରି ଜଣେ ବ୍ୟକ୍ତିଙ୍କୁ କ'ଣ ବା ଅସୁବିଧା ହୋଇପାରିଥାନ୍ତା ଯିଏ ନିଜେ ରସୁଲେ କରିମ ସ ଆ ସଙ୍କ ସମୟରେ ପବିତ୍ର କୁରଆନର କିତାବତ (ଅର୍ଥାତ ଲେଖିବା) କାର୍ଯ୍ୟ ନିମନ୍ତେ ନିୟୋଜିତ ହୋଇଥିଲେ,ଏବଂ ସେ ପବିତ୍ର କୁରଆନକୁ ମନେ ମଧ୍ୟ ରଖିଥିଲେ । ପୁଣି ପବିତ୍ର କୁରଆନ ପ୍ରତ୍ୟେକ ଦିନ ପଢା ବି ଯାଉଥିଲା । ଏପରି ସ୍ଥଳେ ଯଦି ଏହି ଗ୍ରନ୍ଥରେ କୌଣସି ପ୍ରକାରର ଭୁଲ ହୋଇଥାନ୍ତା, ତାହେଲେ ଅନ୍ୟ ହାଫିଜମାନେ କ'ଣ ତାହା ଧରି ପକାଇନଥାନ୍ତେ ? ତେଣୁ ଏହି ପ୍ରକାରର ସାକ୍ଷ୍ୟକୁ ଯଦି ସନ୍ଦେହ କରାଯାଏ,ତାହେଲେ ଏ ଦୁନିଆରେ କୌଣସି ପ୍ରକାରର ଦଲିଲ / ପ୍ରମାଣ / ଯୁକ୍ତି ବାକି ରହିବ ନାହିଁ ।

ସତ୍ୟ ହେଉଛି ଏହା କି ଏ ଦୁନିଆରେ କୌଣସି ଲେଖା ଏପରି କ୍ରମରେ ନାହିଁ ଯେପରି କ୍ରମରେ ପବିତ୍ର କୁରଆନ ପ୍ରତିଷ୍ଠିତ ରହିଛି ।' ***(ଦିବାଚା ତଫସୀରୁଲ କୁରଆନ, ଅନୱାରୁଲ ଉଲୁମ, ଖ-୨୦, ପୃ-୪୩୨-୪୩୩)***

ପୁଣି ହଜରତ ମୁସଲେହ ମଉଦ ର ଅ ଏହି ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ ପବିତ୍ର କୁରଆନ ନିଜର ମୂଳ ସ୍ଥିତିରେ ରହିଛି । ଏଥିରେ କୌଣସି ପ୍ରକାରର ପରିବର୍ତନ ହୋଇନାହିଁ । ତା ଉପରେ ଯେଉଁ ଆରୋପ

ଲଗାଯାଉଛି ଯେ ଏଥିରେ ପରିବର୍ତନ ହୋଇଛି । ତାହା ଏମିତି ଥିଲା ବା ସେମିତି ଥିଲା । ଇତ୍ୟାଦି ଇତ୍ୟାଦି । ଆଜିକାଲି ମଧ୍ୟ ସେହିପରି ଆପତି ଅଭିଯୋଗ କରାଯାଉଛି । ତାର ଉତର ହେଉଛି ଏହା ।

ହଜରତ ମୁସଲେହ ମଉଦ ର ଅ ଗୋଟିଏ ଆପତିର ଉତର ଦେଇ କହିଛନ୍ତି ଯେ " ଗୋଟିଏ ଆପତି ହେଉଛି ଏପରି କି ରସୁଲେ କରିମ ସ ଆ ସଙ୍କ ସମୟରେ ସମ୍ପୂର୍ଣ୍ଣ ପବିତ୍ର କୁରଆନକୁ ଲେଖା ଯାଇନାହିଁ । ଏହି ଆପତିର ଉତର ହେଉଛି ଏହା କି ସେମାନଙ୍କର ଏ ଆପତି ଠିକ ନୁହେଁ । ରସୁଲେ କରିମ ସ ଆ ସଙ୍କ ସମୟରେ ସମଗ୍ର ପବିତ୍ର କୁରଆନକୁ ସମ୍ପୂର୍ଣ୍ଣ ରୂପେ ଲେଖା ଯାଇଥିଲା । ଯେମିତି କି ହଜରତ ଉସମାନ ର ଅଙ୍କର ଗୋଟିଏ ରିୱାୟତ ଏପରି ରହିଛି ଯେ ଯେବେ କୌଣସି ଅଂଶ ଅବତୀର୍ଣ୍ଣ ହେଉଥିଲା, ସେତେବେଳେ ରସୁଲେ କରିମ ସ ଆ ସ ଲେଖାଳୀମାନଙ୍କୁ (ଅର୍ଥାତ ରସୁଲେ କରିମ ସ ଆ ସଙ୍କ ଉପରେ ଅବତୀର୍ଣ୍ଣ ହେଉଥିବା ଆୟତଗୁଡ଼ିକୁ ଯେଉଁମାନେ ଲେଖି ରଖୁଥିଲେ ସେମାନଙ୍କୁ) ଡ଼କାଇ ନିର୍ଦ୍ଦେଶ ଦେଉଥିଲେ ଯେ ଏହି (ଆୟତ ବା ଏହି ସୁରଃକୁ) ଅମୁକ ସ୍ଥାନରେ ରଖାଯାଉ ବା ସମୁକ ସ୍ଥାନରେ ରଖାଯାଉ । ଯଦି ଏପରି ଐତିହାସିକ ପ୍ରମାଣ ବିଦ୍ୟମାନ ରହିଛି,ପୁଣି ଏକଥା କହିବା ଯେ ପବିତ୍ର କୁରଆନକୁ ରସୁଲେ କରିମ ସ ଆ ସଙ୍କ ସମୟରେ ସମ୍ପୂର୍ଣ୍ଣ ରୂପେ ଲେଖାଯାଇ ନଥିଲା, ଏହା ତ ବଡ଼ ମୂର୍ଖାମୀ ହେବ । ଏଠାର ପ୍ରଶ୍ନ ଉଠୁଛି ଯେ ତାହେଲେ ପୁଣି ହଜରତ ଅବୁ ବକର ର ଅଙ୍କ ସମୟରେ କାହିଁକି ଲେଖାଗଲା ? ଏହି ପ୍ରଶ୍ନର ଉତର ହେଉଛି ଏହା କି ରସୁଲେ କରିମ ସ ଆ ସଙ୍କ ସମୟରେ ପବିତ୍ର କୁରଆନ ଏପରି ଗୋଟିଏ ଗ୍ରନ୍ଥ ରୂପରେ ନଥିଲା,ଯେଉଁପରି ଏବେ ରହିଛି । ହଜରତ ଉମର ର ଅଙ୍କ ମନରେ ଏ ଧାରଣା ଆସିଲା ଯେ ଲୋକମାନେ ଏକଥା ନଭାବନ୍ତୁ ଯେ ପବିତ୍ର କୁରଆନ ସୁରକ୍ଷିତ ନାହିଁ । ତେଣୁ ସେ ଏ ପ୍ରସଙ୍ଗରେ ସେ ହଜରତ ଅବୁ ବକର ର ଅଙ୍କୁ ଯେଉଁ କଥା କହିଥିଲେ,ତାହା ଥିଲା ଏପରି ଯେ ***ଇନ୍ନି ଅରା ଅଁ ତାମୁରୁ ଜମଅଲ କୁରଆନ*** ଅର୍ଥାତ ମୁଁ ଏକଥାକୁ ଉଚିତ ମଣୁଛି ଯେ ଆପଣ ପବିତ୍ର କୁରଆନକୁ ଗୋଟିଏ ପୁସ୍ତକ ଆକାରରେ ସଂକଳନ କରିବା ପାଇଁ ଆଦେଶ ଦିଅନ୍ତୁ । ଏକଥା କହିନାହାନ୍ତି ଯେ ଆପଣ ଏହାକୁ କିତାବତ(ଲେଖାଇ) ଦିଅନ୍ତୁ । ପୁଣି ହଜରତ ଅବୁ ବକର ର ଅ ଜୈଦ ର ଅଙ୍କୁ ଡ଼କାଇ କହିଲେ ଯେ ପବିତ୍ର କୁରଆନକୁ ସଂଗ୍ରହ କରନ୍ତୁ । ଆପଣ ସ ଆ ସ କହିଲେ : ***ଅଜମାଅହୁ (ଅର୍ଥାତ) ଏହାକୁ ଗୋଟିଏ ସ୍ଥାନରେ ଏକାଠି କର ।*** ଏହା କହିନାହାନ୍ତି ଯେ ଏହାକୁ ଲେଖିଦିଅ । ଅତେବ ଏହି ଶବ୍ଦ ଏକଥା ନିଜେ ବତାଇ ଦେଉଛି ଯେ ସେହି ସମୟରେ ପବିତ୍ର କୁରଆନର ପୃଷ୍ଠା ଗୁଡ଼ିକୁ ଗୋଟିଏ ଗ୍ରନ୍ଥ (ଭଲ୍ୟୁମ) ଆକାରରେ ସଂଗୃହିତ କରିବାର ପ୍ରଶ୍ନ ଥିଲା । ନା କି ଲେଖିବାର ପ୍ରଶ୍ନ ।'' ***(ଫଜାଇଲୁଲ କୁରଆନ (୧), ଅନୱାରୁଲ ଉଲୁମ, ଖ-୧୦, ପୃ-୫୧୪-୫୧୫)***

ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ପବିତ୍ର କୁରଆନକୁ ଗୋଟିଏ ଭଲ୍ୟୁମରେ ସଂଗୃହିତ କରାଯାଇଥିଲା । ପରେ ହଜରତ ଉସମାନ ର ଅଙ୍କ ଖିଲାଫତ ସମୟରେ ଆହୁରି ଅଧିକା ଅଗ୍ରଗତି ହୋଇଥିଲା ଯେ ସମଗ୍ର ଆରବ ବରଂ ସମଗ୍ର ମୁସଲମାନ ଜଗତକୁ ମଧ୍ୟ ଗୋଟିଏ କିରାଅତ(ପଠନ ଶୈଳୀ)ରେ ଜମା କରିଦିଆଗଲା ।

ଅତେବ ହଜରତ ଉସମାନ ର ଅଙ୍କ ଶାସନ କାଳରେ ପବିତ୍ର କୁରଆନର ପ୍ରକାଶନ ହେବା ପ୍ରସଙ୍ଗରେ ହଜରତ ମୁସଲେହ ମଉଦ ର ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ର ଅଙ୍କ ପରେ ହଜରତ ଉସମାନ ର ଅଙ୍କ ସମୟରେ ଏ ଅଭିଯୋଗ ଆସିଥିଲା ଯେ ବିଭିନ୍ନ କବିଲାର ଲୋକେ ବିଭିନ୍ନ କିରାତ (ପଠନ ଶୈଳୀ)ରେ ପବିତ୍ର କୁରଆନକୁ ପାଠ କରୁଛନ୍ତି । ସେଥିଯୋଗୁଁ ଅଣ ମୁସଲମାନ ମାନଙ୍କ ଉପରେ ଏହାର ଖରାପ ପ୍ରଭାବ ପଡୁଛି । ସେମାନେ ଭାବୁଛନ୍ତି ଯେ ପବିତ୍ର କୁରଆନର ଅନେକ ସଂସ୍କରଣ ରହିଛି । ଏହି କିରାତର ଅର୍ଥ ହେଉଛି ଏହା କି ଗୋଟିଏ କବିଲାର ଲୋକମାନେ ଗୋଟିଏ ଅକ୍ଷରକୁ ଜବର (ଉପରୁ ଉଚ୍ଚାରଣ କରି) ପଠନ କରି ପଢୁଛନ୍ତି ତ ଆଉ ଗୋଟିଏ କବିଲାର ଲୋକମାନେ କୌଣସି ଏକ ଅକ୍ଷରକୁ ଜେର (ତଳୁ ଉଚ୍ଚାରଣ କରି) ପଢୁଛନ୍ତି,ଏବଂ ତୃତୀୟ ଜଣକ ପେଶ (ଆଗରୁ ଉଚ୍ଚାରଣ କରି) ପଢୁଛନ୍ତି । ଏକଥା ଆରବୀ ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷାରେ ମିଳେନାହିଁ । ତେଣୁ ଆରବୀ ଭାଷା ନଜାଣିଥିବା ଲୋକଟି ଯେବେ ଏହାକୁ ଶୁଣିବ,ସେତେବେଳେ ସେ ଭାବିବ ଯେ ଜଣେ ଗୋଟିଏ କଥା କହୁଛି ତ ଆଉ ଜଣେ ଆଉ ଗୋଟିଏ କଥା । ଯେବେକି ସେମାନେ ସେହି ସମାନ ଗୋଟିଏ କଥା ହିଁ କହୁଥିବେ । ତେଣୁ ଆମକୁ ସେହି ଫିତନାରୁ ବଂଚାଇବା ପାଇଁ ହଜରତ ଉସମାନ ର ଅ ଏ ପରାମର୍ଶ ଦେଲେ ଯେ ହଜରତ ଅବୁ ବକର ର ଅ ଙ୍କ ସମୟରେ ଯେଉଁ ପାଣ୍ଡୁଲିପି ଲେଖାଯାଇଥିଲା (ଅର୍ଥାତ ଯେଉଁ ଲେଖାଗୁଡ଼ିକ ସଂଗୃହିତ କରାଯାଇଥିଲା),ତାହାର ନକଲ ପ୍ରସ୍ତୁତ କରାଯାଉ ଏବଂ ସେହି ନକଲଗୁଡ଼ିକୁ ବିଭିନ୍ନ ଦେଶକୁ ପ୍ରେରଣ କରାଯାଉ ଏବଂ ତା ସହିତ ଏ ନିର୍ଦ୍ଦେଶ ପଠାଇଦିଆଯାଉ ଯେ ଏବେ ଏହି କିରାତ (ପଠନ ଶୈଳୀ) ଅନୁସାରେ ଏହାର ଉଚ୍ଚାରଣ କରାଯାଉ । ଅନ୍ୟ କୌଣସି କିରାତକୁ ପଢାନଯାଉ । ହଜରତ ଉସମାନ ର ଅ ଯେଉଁ କାର୍ଯ୍ୟ କଲେ,ତାହା କୌଣସି ଭୁଲ କଥା ନଥିଲା । ରସୁଲେ କରିମ ସ ଆ ସ ଙ୍କ ଯୁଗରେ ଆରବର ଲୋକମାନେ କବାଇଲି (ଆଦିବାସୀ / ଜନଜାତି) ଜୀବନଯାପନ କରୁଥିଲେ । ଅର୍ଥାତ ପ୍ରତ୍ୟେକ ଗୋଷ୍ଠି ଅନ୍ୟ ଗୋଷ୍ଠିଠାରୁ ଅଲଗା ଥିଲା । ସେଥିଯୋଗୁଁ ସେମାନେ ନିଜ ନିଜର ସ୍ୱତନ୍ତ୍ର ଭାଷା ଶୈଳୀର ଅଭ୍ୟସ୍ତ ଥିଲେ । ଅର୍ଥାତ ସେମାନଙ୍କର କହିବାଶୈଳୀ ନିଜସ୍ୱ ଥିଲା । କିନ୍ତୁ ରସୁଲେ କରିମ ସ ଆ ସଙ୍କ ହାତରେ ଏକାଠି ହୋଇ ଆରବର ଲୋକମାନେ ସଭ୍ୟ ହୋଇଗଲେ । ଗୋଟିଏ ଆମି(ଅର୍ଥାତ ସାଧାରଣ ସ୍ଥାନୀୟ)ଭାଷା ପରିବର୍ତେ ଆରବୀ ଭାଷା ଏକ ଜ୍ଞାନଭିତିକ ଭାଷା ହୋଇଗଲା । ବହୁ ସଂଖ୍ୟାରେ ଆରବର ଲୋକମାନେ ପଢିବ ଲେଖିବାର ଜ୍ଞାନ ସହିତ ପରିଚିତ ହୋଇଗଲେ । ସେହି କାରଣରୁ ପ୍ରତ୍ୟେକ ବ୍ୟକ୍ତି,ସେ ଯେକୌଣସି କବିଲାର ହୋଇଥାଉ ନା କାହିଁକି ତା ନିଜ ପଦ୍ଧତିରେ ନିଜର ସୁବିଧା ଅନୁସାରେ ସଦ୍ଧକୁ ଉଚ୍ଚାରଣ କରିପାରୁଥିଲା । ଯେଉଁପରି ତାହା ଏକ ଜ୍ଞାନଭିତିକ ଶିକ୍ଷିତ ଭାଷାରେ ସେହି ଶବ୍ଦଟି କୁହାଯାଉଥିଲା ଏବଂ ତାହା ବାସ୍ତବିକ ଦେଶର ଭାଷା ଥିଲା । ତେଣୁ ଯେତେବେଳେ ସମସ୍ତ ଲୋକେ ଗୋଟିଏ ଶିକ୍ଷିତ ଭାଷାରେ ଅଭ୍ୟସ୍ତ ହୋଇଗଲେ, ସେତେବେଳେ ସେମାନଙ୍କୁ ପୁଣି ନିଜ କବିଲାରେ କୁହାଯାଉଥିବା ଭାଷାର ଉଚ୍ଚାରଣ କରିବା ପାଇଁ ଅନୁମତି ଦେବା ଉଚିତ ନୁହେଁ ଯେ ସେମାନେ ପବିତ୍ର କୁରଆନକୁ ନିଜ ପଦ୍ଧତିରେ ପଢିଚାଲିବେ ଏବଂ ଅନ୍ୟମାନଙ୍କ ପାଇଁ ପରିକ୍ଷାର ପାତ୍ର ହେବେ । ତେଣୁ ହଜରତ ଉସମାନ ର ଅ ମକ୍କାରେ ପ୍ରଚଳିତ ଭାଷା ଶୈଳୀ ଅନୁଯାୟୀ ପବିତ୍ର କୁରଆନକୁ ଲେଖାଇ ସବୁ ଦେଶକୁ ତାହାର ନକଲ ପ୍ରେରଣ କଲେ ଏବଂ ଆଗକୁ ଏ ନିର୍ଦ୍ଦେଶ ଦେଲେ ଯେ ମକ୍କାରେ କୁହାଯାଉଥିବା ଆରବୀ ଭାଷାଶୈଳୀ ବ୍ୟତୀତ ଅନ୍ୟ କୌଣସି କବିଲାର ଭାଷାଶୈଳୀରେ ପବିତ୍ର କୁରଅନକୁ ପାଠ ନକରାଯାଉ । ଏ ବିଷୟକୁ ବୁଝିନପାରବା ଯୋଗୁଁ ୟୁରୋପର ଲେଖକମାନେ ତଥା ଅନ୍ୟ ସମ୍ପ୍ରଦାୟର ଲେଖକମାନେ ସର୍ବଦା ଏ ଆରୋପ ଲଗାଉଛନ୍ତି ଯେ ହଜରତ ଉସମାନ ର ଅ କୌଣସି ଏକ ନୂଆ କୋରାନ ତିଆରି କରିଥିଲେ ବା ପବିତ୍ର କୁରଆନରେ କୌଣସି ନୂଆ ପରିବର୍ତନ କରିଦେଇଥିଲେ । କିନ୍ତୁ ସତ୍ୟ ହେଉଛି ତାହା ଯାହା ବର୍ଣ୍ଣନା କରାଗଲା ।***(ଦିବାଚା ତଫସୀରୁଲ କୁରଆନ, ଅନୱାରୁଲ ଉଲୁମ, ଖ-୨୦, ପୃ-୪୩୩-୪୩୪)***

ହଜରତ ମସିହ ମଉଦ ଆ ସ କୁହନ୍ତି:

"ନିଃସନ୍ଦେହ ପବିତ୍ର କୁରଆନ ହେଉଛି ସମ୍ପୂର୍ଣ୍ଣ ରୂପେ ଐଶିବାଣୀ,ଏବଂ ଏହା ସମ୍ପୂର୍ଣ୍ଣ ଭାବରେ କ୍ରମାନୁସାରେ ରହିଛି । ଏପରିକି ଏହାର ପ୍ରତ୍ୟେକ ନୁକତାଃ (ମାତ୍ରା) ଏବଂ ଅକ୍ଷରଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ କ୍ରମାନୁସାରେ ରହିଛନ୍ତି । ଅଲ୍ଲାଃତାଲା ତାହାକୁ ବହତୁ ସତର୍କତାର ସହିତ ଫରିସ୍ତା (ଅର୍ଥାତ ଦେବଦୂତ) ମାନଙ୍କ ସୁରକ୍ଷାରେ ଅବତୀର୍ଣ୍ଣ କରିଛନ୍ତି । ପୁଣି ତାହାପାଇଁ ସବୁ ପ୍ରକାରର ସତର୍କତା ଅବଲମ୍ବନ କରିବା ପ୍ରସଙ୍ଗରେ ନବି କରିମ ସ ଆ ସ କୌଣସି ପ୍ରକାରର ଅଭାବ ରଖିନାହାନ୍ତି । ଆପଣ ସ ଆ ସ ନିଜ ଆଖି ସାମନାରେ ଗୋଟିଏ ଗୋଟିଏ ଆୟତକୁ ଲେଖାଇବାରେ ଲାଗିଲେ । ଯେତେବେଳେ ତାହା (ପବିତ୍ର କୁରଆନ) ଅବତୀର୍ଣ୍ଣ ହେଉଥିଲା, ସେତେବେଳେ ତାହାକୁ ସଙ୍ଗେ ସଙ୍ଗେ ଲେଖାଇଦେଉଥିଲେ ।

ଏପରିକି ଆପଣ ସ ଆ ସ ତାହାକୁ ସମ୍ପୂର୍ଣ୍ଣ ରୂପେ ଏକାଠି କରିଦେଲେ ଏବଂ ନିଜେ ଆୟତଗୁଡ଼ିକୁ କ୍ରମାନୁସାରେ ରଖିଲେ ଏବଂ ଏକାଠି କଲେ । ପୁଣି ନମାଜରେ ଏବଂ ନମାଜ ବାହାରେ ବି ସେହି (ଆୟତ) ଗୁଡ଼ିକୁ ନିୟମିତ ପାଠ କରିଚାଲିଲେ । ଏପରିକି ଆପଣ ସ ଆ ସ ଏହି ସଂସାରରୁ ଚାଲିଗଲେ ଓ ନିଜ ପ୍ରଭୁଙ୍କ ସହିତ ଯାଇ ଭେଟକଲେ । ହଜରତ ମସିହ ମଉଦ ଆ ସ କୁହନ୍ତି ଯେ'' ପୁଣି ତାପରେ ପ୍ରଥମ ଖଲିଫା ହଜରତ ଅବୁ ବକର ର ଅ ତାହାର ସମସ୍ତ ସୁରଃକୁ ନବି କରିମ ସ ଆ ସଙ୍କଠାରୁ ଶୁଣିଥିବା କ୍ରମାନୁସାରେ ଏକାଠି କରିବାର ବ୍ୟବସ୍ଥା କରିଦେଲେ । ପୁଣି (ହଜରତ) ଅବୁ ବକର ର ଅଙ୍କ ପରେ ତୃତୀୟ ଖଲିଫା(ହଜରତ ଉସମାନ ର ଅ) ଙ୍କୁ ଅଲ୍ଲାଃତାଲା ଏ ସୌଭାଗ୍ୟ ପ୍ରଦାନ କଲେ ଯେ ସେ କୁରୈଶର ଶବ୍ଦକୋଷ(ଅର୍ଥାତ ପଠନଶୈଳୀ) ଅନୁଯାୟୀ ପବିତ୍ର କୁରଆନକୁ ଗୋଟିଏ କିରାତ (ପଠନଶୈଳୀ) ରେ ଏକତ୍ର କରି ସଂକଳନ କରିଦେଲେ ଏବଂ ତାହାକୁ ସମସ୍ତ ଦେଶକୁ ପ୍ରେରଣ କରି ତାହାକୁ ଚାରିଆଡ଼େ ବିସ୍ତାର କଲେ । (ହମାମତୁଲ ବୁଶରାଃ,ମୁତରଜିମ, ପୃ-୧୦୧-୧୦୨)

ଏଠାରେ ପ୍ରଶ୍ନ ଉଠୁଛି ଯେ ସହିଫାଏ ସିଦ୍ଦିକୀ, ଯାହାକୁ ହଜରତ ଅବୁ ବକର ର ଅ ଲେଖାଇଥିଲେ,ତାହା କେତେ ସମୟ ପର୍ଯ୍ୟନ୍ତ ସଂରକ୍ଷିତ ରହିଥିଲା । ସେ ବିଷୟରେ ଉଲ୍ଲେଖ ଅଛି ଯେ ହଜରତ ଅବୁ ବକର ର ଅ ହଜରତ ଜୈଦ ବିନ ସାବିତ ର ଅଙ୍କ ଜରିଆରେ ଯେଉଁ କୁରଆନକୁ ଗୋଟିଏ ଗ୍ରନ୍ଥ (ଭଲ୍ୟୁମ) ରେ ସଂକଳନ କରାଇଥିଲେ, ତାହାକୁ ସହିଫାଏ ସିଦ୍ଦିକୀ କୁହାଯାଏ । ତାହା ହଜରତ ଅବୁ ବକର ର ଅଙ୍କ ନିକଟରେ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ରହିଲା । ତାପରେ ହଜରତ ଉମର ର ଅ ଙ୍କ ନିକଟକୁ ଚାଲିଆସିଲା । ପୁଣି ହଜରତ ଉମର ର ଅ ଉମ୍ମୁଲ ମୁମିନିନ ହଜରତ ହଫସାଃ ର ଅଙ୍କୁ ଅର୍ପଣ କରି ଏ ନିର୍ଦ୍ଦେଶ ଦେଲେ ଯେ ଏହା କୌଣସି ବ୍ୟକ୍ତିଙ୍କୁ ଦିଆ ନଯାଉ । ଅବଶ୍ୟ ଯାହାଙ୍କୁ ନକଲ କରିବାକୁ ହେବ ବା ନିଜ ନିକଟରେ ଥିବା କପିକୁ ସଠିକ କରିବାକୁ ଚାହିଁବ,ସେ ଏଥିରୁ ଲାଭ ଉଠାଇପାରିବ । ସୁତରାଂ ହଜରତ ଉସମାନ ର ଅ ନିଜ ଖିଲାଫତ ସମୟ କାଳରେ ହଜରତ ହଫସାଃ ର ଅଙ୍କଠାରୁ ସେହି ପାଣ୍ଡୁଲିପିକୁ ଉଧାର ଆକାରରେ ମାଗି ସେଗୁଡ଼ିକର କିଛି ନକଲ ପୁସ୍ତକ ପ୍ରସ୍ତୁତ କରି ସେହି ପାଣ୍ଡୁଲିପିକୁ ହଜରତ ହଫସାଃ ର ଅଙ୍କୁ ଫେରାଇ ଦେଇଥିଲେ । ଯେତେବେଳେ ମରୱାନ ମଦିନାର ହାକିମ ହେଲା,ସେ ହଜରତ ହଫସାଃ ର ଅଙ୍କଠାରୁ ସେହି ପାଣ୍ଡୁଲିପିକୁ ନେବାକୁ ଚାହିଁଲା, କିନ୍ତୁ ହଜରତ

ହଫସାଃ ର ଅ ଦେବାକୁ ମନା କରିଦେଲେ। ହଜରତ ହଫସାଃ ର ଅଙ୍କ ଦେହାନ୍ତ ପରେ ମରୱାନ ହଜରତ ଅବ୍ଦୁଲ୍ଲାଃ ବିନ ଉମର ର ଅଙ୍କଠାରୁ ନେଇ ତାକୁ ନଷ୍ଟ କରିଦେଲା । କିନ୍ତୁ ହଜରତ ଉସମାନ ର ଅ ତାହାକୁ ପ୍ରର୍ଥମରୁ ହିଁ ସୁରକ୍ଷିତ ଭାବରେ ସଂରକ୍ଷଣ କରିଦେଇଥିଲେ । ***(ସିରସ ସାହାବାଃ, ଖ-୦୧, ପୃ-୪୪, ଦାରୁଲ ଇଶାଅତ କରାଚି ୨୦୦୪)(ଫତହୁଲ ବାରୀ, କିତାବ ଫଜାଇଲୁଲ କୁରଆନ, ବାବ ଜମଉଲ କୁରଆନ....ଖ-୦୮, ପୃ-୬୩୬-୬୩୭, ଦାରୁଲ ରିୟାନ ଲିଲ ତୁରାସୁଲ କାହିରାଃ ୧୮୮୭)***

ହଜରତ ଅବୁ ବକର ର ଅ ସର୍ବପ୍ରଥମେ ଯେଉଁ କାମ କଲେ ବା ତାଙ୍କ ସହିତ ଜଡ଼ିତ ଥିବା ଯେଉଁ ସବୁ ଉଲ୍ଲେଖନୀୟ କାର୍ଯ୍ୟ ଥିଲା, ତାହାସବୁକୁ ଅଓ୍ୱଲିୟାତେ ଅବୁ ବକର ନାମ କରଣ କରାଯାଇଅଛି । ତାଙ୍କର ବିଭିନ୍ନ କାର୍ଯ୍ୟ ଏବଂ କୀର୍ତିମାନ ରହିଛି । ଯାହାସବୁ ସେ ସର୍ବପ୍ରଥମେ ସମ୍ପାଦନ କରିଥିଲେ । ସେ ସର୍ବପ୍ରଥମେ ଇସଲାମ ଗ୍ରହଣ କରିଥିଲେ । ଦ୍ୱିତୀୟରେ ସେ ମକ୍କାରେ ନିଜ ଘର ସାମନାରେ ସର୍ବପ୍ରଥମ ମସଜିଦ ନିର୍ମାଣ କରିଥିଲେ । ପୁଣି ତୃତୀୟରେ ମକ୍କାରେ ରସୁଲେ କରିମ ସ ଆ ସଙ୍କୁ ସାହାଯ୍ୟ କରିବାକୁ ଯାଇ ସର୍ବପ୍ରଥମେ ମକ୍କାର କୁରୈଶମାନଙ୍କ ସହିତ ଯୁଦ୍ଧ କରିଥିଲେ । ଚତୃର୍ଥରେ ସେ ସର୍ବପ୍ରଥମେ ଅନେକ ନିର୍ଯ୍ୟାତିତ ଦାସ ଏବଂ ଦାସୀମାନଙ୍କୁ କିଣି ସ୍ୱାଧିନ କରିଥିଲେ । ପଂଚମରେ ସେ ସର୍ବପ୍ରର୍ଥମେ ପବିତ୍ର କୁରଆନକୁ ଗୋଟିଏ ଗ୍ରନ୍ଥଖଣ୍ଡ (ଭଲ୍ୟୁମ) ଭାବରେ ସଂଗ୍ରହ କରିଥିଲେ । ଷଷ୍ଠରେ ସେ ସର୍ବପ୍ରଥମେ ପବିତ୍ର କୁରଆନର ନାମ ମୁସହଫ୍ ରଖିଥିଲେ । ସପ୍ତମରେ ସେ ସର୍ବପ୍ରଥମେ ଖଲିଫା ରାଶିଦ ଭାବରେ ଘୋଷିତ ହେଲେ । ଅଷ୍ଟମରେ ସେ ରସୁଲୁଲ୍ଲାଃ ସ ଆ ସଙ୍କ ଜୀବଦଶାରେ ସର୍ବପ୍ରଥମେ ଅମୀରୁଲ ହଜ (ଅର୍ଥାତ ହଜର ପ୍ରଥମ ଅମୀର) ଭାବରେ ନିଯୁକ୍ତ ହୋଇଥିଲେ । ନବମରେ ସେ ରସୁଲୁଲ୍ଲାଃ ସ ଆ ସଙ୍କ ଜୀବଦଶାରେ ସର୍ବପ୍ରଥମେ ମୁସଲମାନଙ୍କୁ ନମାଜ ପଢାଇ ଇମାମତି କରିଥିଲେ । ଦଶମରେ ସେ ଇସଲାମରେ ସର୍ବପ୍ରଥମେ ବୟତୁଲ ମାଲ ପ୍ରତିଷ୍ଠା କରିଥିଲେ । ଏଗାରରେ ସେ ଇସଲାମର ସର୍ବପ୍ରଥମ ଖଲିଫା ଯାହାଙ୍କ ପାଇଁ ମୁସଲମାନମାନେ ୱଜିଫା (ଷ୍ଟାଇପେଂଟ) ନିର୍ଦ୍ଧାରଣ କରିଥିଲେ। । ବାରରେ ସେ ହେଉଛନ୍ତି ଇସଲାମର ସର୍ବପ୍ରଥମ ଏପରି ଖଲିଫା,ଯିଏ ନିଜର ଉତରାଧିକାରୀ ମନୋନିତ କରିଥିଲେ । ହଜରତ ଉମର ର ଅଙ୍କୁ ହଜରତ ଅବୁ ବକର ର ଅ ନାମଜଦ କରିଥିଲେ । ତେରରେ ସେ ହେଉଛନ୍ତି ଇସଲାମର ଏପରି ପ୍ରଥମ ଖଲିଫା ଯାହାଙ୍କ ଖିଲାଫତର ବୟତ ସମୟରେ ତାଙ୍କ ବାପା ହଜରତ ଅବୁ କାହାଫାଃ ଜୀବିତ ଥିଲେ । ଚଉଦରେ ସେ ହେଉଛନ୍ତି ସର୍ବପ୍ରଥମ ବ୍ୟକ୍ତି ଯାହାଙ୍କୁ ଇସଲାଲମରେ ରସୁଲୁଲ୍ଲାଃ ସ ଆ ସ କୌଣସି ଉପାଧି ଦେଇଥିଲେ । ପନ୍ଦରରେ ସେ ହେଉଛନ୍ତି ସର୍ବପ୍ରଥମ ବ୍ୟକ୍ତି ଯାହାଙ୍କ ଚାରି ପିଢିକୁ ସାହାବି ହେବାର ସୌଭାଗ୍ୟ ମିଳିଥିଲା। ତାଙ୍କ ବାପା ହଜରତ ଅବୁ କାହାଫାଃ ସାହାବି ଥିଲେ । ହଜରତ ଅବୁ ବକର ନିଜେ ସାହାବି ଥିଲେ । ତାଙ୍କ ପୁଅ ହଜରତ ଅବ୍ଦୁର ରହମାନ ବିନ ଅବୁ ବକର ର ଅ ଏବଂ ତାଙ୍କର ନାତି ହଜରତ ମୁହମ୍ମଦ ବିନ ଅବୁ ବକର ର ଅ ଏମାନେ ସମସ୍ତେ ସାହାବି ଥିଲେ । ***(ଅସସିଦ୍ଦିକ ଅଜ ପ୍ରଫେସର ଅଲୀ ମୁହସିନ ସିଦ୍ଦିକୀ,ପୃ-୩୮୧-୩୮୨)***

ହଜରତ ଅବୁ ବକର ସିଦ୍ଦିକ ର ଅ ଙ୍କ ପବିତ୍ର ଚେହେରା ବିଷୟରେ ଉଲ୍ଲେଖ ରହିଛି ଯେ ହଜରତ ଆଇଶା ର ଅ ଜଣେ ଆରବୀ ଲୋକଙ୍କୁ ଦେଖିଲେ ଯେ ସେ ପାଦରେ ଚାଲିଚାଲି ଯାଉଥିଲା । ସେତେବେଳେ ହଜରତ ଆଇଶା ର ଅ ଓଟ ପିଠିରେ ଲଗାଯାଇଥିବା ସବାରୀ ମଧ୍ୟରେ ବସିଥିଲେ । ହଜରତ ଆଇଶା ର ଅ କହିଲେ ଯେ ମୁଁ ହଜରତ ଅବୁ ବକର ର ଅ ଙ୍କ ଚେହେରା ସହିତ ମେଳଖାଉଥିବା ଲୋକମାନଙ୍କ ମଧ୍ୟରୁ ଏହି ଲୋକ ଅପେକ୍ଷା ଆଉ କାହାକୁ ଅଧିକା ଦେଖୁନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ ଆମେ ହଜରତ ଆଇଶା ର ଅଙ୍କୁ ପଚାରିଲୁ ଯେ ଆପଣ ଆମକୁ ହଜରତ ଅବୁ ବକର ର ଅଙ୍କ ଚେହେରା ବିଷୟରେ ବର୍ଣ୍ଣନା କରନ୍ତୁ । ଏଥିରେ ହଜରତ ଆଇଶା ର ଅ କହିଲେ ଯେ ହଜରତ ଅବୁ ବକର ର ଅ ଗୋରା ରଙ୍ଗର ବ୍ୟକ୍ତି ଥିଲେ । ପତଳା ଲୋକ, ଗାଲରେ ଅଳ୍ପ ମାଂସ ଥିଲା । ଅଂଟା ଟିକିଏ ବକ୍ର ଥିଲା । ଅର୍ଥାତ ଟିକିଏ ବଙ୍କା ଥିଲା ଯେ ତାଙ୍କର ଲୁଙ୍ଗି ଅଂଟାରେ ଅଟକି ନରହି ସିଧା ତଳକୁ ଚାଲିଯାଉଥିଲା । ଚେହେରାର ମାଂସପେଶି କମ ଥିଲା । ଅର୍ଥାତ ଚେହେରା ଭରିଲା ଭରିଲା ନଥିଲା । ଆଖିଦୁଇଟି ଭିତରକୁ ପଶିରହିଥିଲା । କପାଳ ଉଚ୍ଚ ଥିଲା ***(ତବକାତୁଲ କୁବରା,ଖ-୦୩,ପୃ-୧୪୦,ଅବୁ ବକର ସିଦ୍ଦିକ ର ଅ .....ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ଇବନେ ସିରିନ କୁହନ୍ତି ଯେ ମୁଁ ହଜରତ ଅନସ ବିନ ମାଲିକ ର ଅଙ୍କୁ ପଚାରିଲି ଯେ ହଜରତ ଅବୁ ବକର ର ଅ ଖେଜାବ ଲଗାଉଥିଲେ କି ? (ଅର୍ଥାତ କେଶରେ ରଙ୍ଗ ଲଗାଉଥିଲେ କି ?) ସେ କହିଲେ ଯେ ହଁ ସେ ମେହେନ୍ଦୀ ଏବଂ କତମ ଜରିଆରେ ଲଗାଉ ରଙ୍ଗ ଲଗାଉଥିଲେ । ନିଜ ମୁଣ୍ଡର କେଶରେ ଏବଂ ଦାଢିରେ । କତମ ଗୋଟିଏ ଗଛର ନାମ । ***(ସହି ମସଲିମ, କିତାବୁଲ ଫଜାଇଲ, ବାବ ଶୈବାଃ...,ହଦିସ ନଂ-୪୩୦୪, ଖ-୧୨, ପୃ-୨୪୮-୨୪୯, ମାଅ ହାଶିୟା, ନୂର ଫାଉଣ୍ଡେଶନ ରବୁଓ୍ୱା)***

ଈଶ୍ୱର ଭୟ ଏବଂ ତାଙ୍କ ଧର୍ମପରାୟଣତା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ ନବି କରିମ ସ ଆ ସ ହଜରତ ରବିୟାଃ ବିନ ଜାଫର ର ଅ ଏବଂ ହଜରତ ଅବୁ ବକର ର ଅ ଙ୍କୁ କିଛି ଜମି ଉପହାର ସଦୃଶ ପ୍ରଦାନ କଲେ । ଗୋଟିଏ ଗଛକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଗଲା । ହଜରତ ଅବୁ ବକର ର ଅ ନିଜର ଯୁକ୍ତି ସମୟରେ କିଛିଟା କଠୋର ଶବ୍ଦ ବ୍ୟବହାର କରିଦେଇଥିଲେ । କିନ୍ତୁ ପରେ ସେ ସେଥିପାଇଁ ଅନୁତାପ କରି କହିଲେ ଯେ ହେ ରବିୟାଃ ! ତୁମେ ମଧ୍ୟ ସେହିପରି କିଛି କଠୋର ଶବ୍ଦ କହିଦିଅ,ଯେଉଁଭଳି ମୁଁ ତୁମକୁ କଠୋର ଶବ୍ଦରେ କିଛି କହିଦେଇଥିଲି । ଯଦ୍ଦ୍ୱାରା ଏହା ମୋ କହିଥିବା କଥାର ପ୍ରତିଶୋଧ ହୋଇଯିବା କିନ୍ତୁ ହଜରତ ରବିୟାଃ ମନା କରିଦେଲେ । ଦୁହେଁ ନବି କରିମ ସ ଆ ସଙ୍କ ସେବାରେ ଉପସ୍ଥିତ ହେଲେ । ସବୁ ଘଟଣା ବର୍ଣ୍ଣନା କଲେ । ଏହା ଶୁଣି ନବି କରିମ ସ ଆ ସ କହିଲେ ଯେ ହେ ରବିୟା ! ତୁମେ କଠୋର ଭାଷାରେ ଉତର ଦିଅନାହିଁ । କିନ୍ତୁ ତୁମେ ଏହି ଦୁଆ (ପ୍ରର୍ଥନା) କର । ଗ***ଫରଲ୍ଲାହୁ ଲକା ୟା ଆବା ବକରିନ*** ଅର୍ଥାତ ହେ ଅବୁ ବକର ! ଅଲ୍ଲାଃ ତୁମକୁ କ୍ଷମା କରନ୍ତୁ । ଏଥିରେ ସେ ସେହିପରି ହିଁ କଲେ । ହଜରତ ଅବୁ ବକର ର ଅ ଯେବେ ଏକଥା ଶୁଣିଲେ, ତାହାର ପ୍ରଭାବ ଏତେ ମାତ୍ରାରେ ପଡ଼ିଲା ଯେ ସେ ଭୋ ଭୋ ହୋଇ କାନ୍ଦି ସେଠାରୁ ଚାଲିଗଲେ । ***(ଫତହୁଲ ବାରୀ, ଶରହ ସହି ବୁଖାରୀ, ଲେଇବନେ ହଜର ଅସକଲାନୀ, ଖ-୦୭, ପୃ-୩୧, ହଦିସ ନଂ-୩୬୬୧, କଦିମି କୁତୁବ ଖାନାଃ ଆରାମ ବାଗ କରାଚି)***

ଗୋଟିଏ ରିଓ୍ୱାୟତରେ ଆସିଛି ଯେ ହଜରତ ଅବୁ ବକର ର ଅ ଗଛ ଉପରେ ବସିଥିବା ଗୋଟିଏ ପକ୍ଷୀକୁ ଦେଖିଲେ । ସେ କହିଲେ ହେ ପକ୍ଷୀ ! ତୁମକୁ ସୁସମାଚାର ହେଉ । ଅଲ୍ଲାଃଙ୍କ ରାଣ ! ମୁଁ ଚାହୁଁଛି ଯେ କାଳେ ମୁଁ ତୁମପରିକା ହୋଇଥାଆନ୍ତି କି ? ତୁମେ ଗଛ ଉପରେ ବସି ଫଳ ଖାଉଛ ପୁଣି ଉଡ଼ି ଯାଉଛ । ନା ତୁମର କୌଣସି ହିସାବ ହେବ ଓ ନା ତୁମକୁ କୌଣସି ଦଣ୍ଡ ମିଳିବା

ଅଲ୍ଲାଃଙ୍କ ରାଣ ! ମୁଁ ଚାହୁଁଛି ଯେ ମୁଁ ରାସ୍ତା ପାର୍ଶ୍ୱର ଗୋଟିଏ ଗଛ ହୋଇଥାନ୍ତି କି, ଏବଂ ଗୋଟିଏ ଓଟ ମୋ ନିକଟଦେଇ ଯାଉଥାନ୍ତା,ପୁଣି ସେ ମତେ ଧରି ତା ପାଟିରେ ପୁରାଇ ଚୋବାଇ ଚୋବାଇ ଖାଇଦିଅନ୍ତା । ପୁଣି ସେ ଲେଣ୍ଡି କରନ୍ତା । ମୁଁ ମଣିଷ ହୋଇ ନଥାନ୍ତି କି । ***(କନଜୁଲ ଅମାଲ, ଭା-୧୨, ପୃ-୨୩୭, କିତାବୁଲ ଫଜାଇଲ, ବାବ ଫଜାଇଲୁସ ସାହାବାଃ, ହଦିସ ନଂ-୩୫୬୯୪, ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ହଜରତ ମୁସଲେହ ମଉଦ ର ଅ ସୁରଃ ନବାର ଆୟତ ନଂ-୪୧ ***ଓ୍ୱ ୟକୁଲୁଲ କାଫିରୁ ୟା ଲୈତନୀ କୁନତୁ ତୁରାବନ*** ଅର୍ଥାତ କାଫିର (ଅବିଶ୍ୱାସୀମନେ)କହିବେ ମୁଁ ଇଚ୍ଛା କରୁଛି ଯେ କାଳେ ! ମୁଁ ଧୂଳି ହୋଇଥାନ୍ତି କି ? ଏହାର ବ୍ୟାଖ୍ୟା କରି କୁହନ୍ତି :ଯେ କିଛି ମୁସଲମାନ ଫିର୍କାର ଲୋକେ ସାହାବାମାନଙ୍କ ପ୍ରତି ଘୃଣା ଭାବ ପୋଷଣ କରି ଏତେ ମାତ୍ରାରେ ବଢି ଯାଇଛନ୍ତି ଯେ, ସେମାନେ କୁହନ୍ତି : ହଜରତ ଅବୁ ବକର ର ଅ ତାଙ୍କ ଦେହାନ୍ତ ସମୟରେ ଏହି ବାକ୍ୟ ଉଚ୍ଚାରଣ କରୁଥିଲେ । ତେଣୁ ତାଙ୍କର କୁଫର (ଅର୍ଥାତ ସେ ଜଣେ ଅବିଶ୍ୱାସକାରୀ) ବୋଲି ପ୍ରମାଣିତ ହୋଇଗଲା । “ ଅର୍ଥାତ ଯେହେତୁ ହଜରତ ଅବୁ ବକର ର ଅ ଏହି ବାକ୍ୟ କହିଥିଲେ ଯେ ***ଓ୍ୱ ୟକୁଲୁଲ କାଫିରୁ ୟା ଲୈତନୀ କୁନତୁ ତୁରାବନ*** " ତେଣୁ ସେ କାଫିର ହୋଇଗଲେ । ନଉଜୁବିଲ୍ଲାଃ । ହଜରତ ମୁସଲେହ ମଉଦ ର ଅ କୁହନ୍ତି “ ଯଦିଓ ଏହି ରିଓ୍ୱାୟତ ପ୍ରମାଣିତ ହୋଇଥାଏ,“ ଯଦି ଏହା ସତ୍ୟ କଥା । “ ଏବଂ ଏହି ଆୟତ ହଜରତ ଅବୁ ବକର ର ଅଙ୍କ ସମ୍ବନ୍ଧରେ ହୋଇଥାଏ,ତାହେଲେ ଅବୁ ବକର ର ଅଙ୍କ ଇମାନ (ବିଶ୍ୱାସ) ଦୃଷ୍ଟି କୋଣରୁ ତାହାର ଅର୍ଥ ଏହା ହେବ କି କୁଫାର (ଅବିଶ୍ୱାସକାରୀ) ଙ୍କ କଥାକୁ ନମାନିବା । ଅର୍ଥାତ ଅବୁ ବକର ର ଅ ଏହା କହିବେ ଯେ କଳେ ମୋ ସହିତ ଅଲ୍ଲାଃାଙ୍କର ବ୍ୟବହାର ଏମିତି ହୁଅନ୍ତା କି ! ନା ସେ ମୋ ପୁଣ୍ୟେକର୍ମର ପ୍ରତିବଦଳ ଦିଅନ୍ତା ଓ ନା ମୋ ଭୂଲ ଏବଂ ଦୋଷ ପାଇଁ କୌଣସି ଦଣ୍ଡ ଦିଅନ୍ତା । ଏବଂ ଏପରି ବାକ୍ୟକୁ କହିବା ଜଣେ ସିଦ୍ଧ ବିଶ୍ୱାସୀଙ୍କର ହୋଇଥାଏ । ହଦିସରେ ସ୍ୱୟଂ ରସୁଲେ କରିମ ସ ଆ ସ ଙ୍କ ବିଷୟରେ ଆସିଛି ଯେ ସେ ଏହା କହୁଥିଲେ ଯେ ମୋତେ ମୋ ନିଜ କର୍ମ ପାଇଁ କ୍ଷମା କରାଯିବ ନାହିଁ ବରଂ ଅଲ୍ଲାଃତାଲାଙ୍କ କୃପା ଦ୍ୱାରା ମୋତେ କ୍ଷମା କରାଯିବ । କାଫିର ଶବ୍ଦଟି ଏଠାରେ ଉପହାସ ହିସାବରେ ବ୍ୟବହୃତ ହୋଇଛି । ଏହାର ଅର୍ଥ ହେଉଛି ଏପରି କି ଏହି ଲୋକମାନେ ତାଙ୍କୁ କାଫିର କହୁଛନ୍ତି, ଯିଏ ରସୁଲେ କରିମ ସ ଆ ସଙ୍କ ସାଥିରେ ଯୁଦ୍ଧ ସମୟରେ ସବୁଠାରୁ ନିକଟତମ ବ୍ୟକ୍ତି ଥିଲେ,ଏବଂ ଯିଏ ନିଜର ସବୁ ଧନ ସମ୍ପତିକୁ ରସୁଲେ କରିମ ସ ଆ ସ ଙ୍କ ଉପରେ ଉତ୍ସର୍ଗ କରିଦେଇଥିଲେ,ଏବଂ ନିଜର ଏଗାର ବର୍ଷ ଝିଅକୁ ରସୁଲେ କରିମ ସ ଆ ସଙ୍କୁ ବିବାହ ଦେଇଥିଲେ । ଯେବେକି ସେତେବେଳେ ରସୁଲେ କରିମ ସ ଆ ସଙ୍କ ବୟସ ଚଉବନ ପଂଚାବନ ବର୍ଷ ହୋଇଥିଲା । ପୁଣି ହିଜରତ କରିବା ସମୟରେ ସେ ରସୁଲେ କରିମ ସ ଆ ସଙ୍କ ସାଥିରେ ଥିଲେ,ଯେବେକି ସମଗ୍ର ମକ୍କା ବିପକ୍ଷରେ ରସୁଲେ କରିମ ସ ଆ ସ କେବଳ ଅବୁ ବକର ର ଅଙ୍କୁ ସାଥିରେ ଧରି ଛିଡ଼ା ହୋଇଗଲେ । ପବିତ୍ର କୁରଆନ ଉପହାସ କରି କହିଛି ଯେ ଏହି ବଳିଦାନ କରୁଥିବା ବ୍ୟକ୍ତି ଜଣକ ହେଉଛି କାଫିର ।" ଯଦି ଏହା ବୁଝାଯାଏ ଯେ ଏହି ଆୟତଟି ହଜରତ ଅବୁ ବକର ର ଅଙ୍କ ସମ୍ବନ୍ଧରେ ରହିଛି ବୋଲି,ତାହେଲେ ଏଠାରେ ଉପହାସ ଭାବରେ ବ୍ୟବହାର କରାଯାଇଅଛି ଯେ ଏହି ବଳିଦାନ ଦେଉଥିବା ବ୍ୟକ୍ତି ଜଣକ ତ କାଫିର “ କିନ୍ତୁ ଯେଉଁମାନେ ତାଙ୍କ କର୍ମ ସହିତ କୌଣସି ବି ସମତା ରଖିନାହାନ୍ତି ସେମାନେ ମୋମିନ ବୋଲାଉଛନ୍ତି "***(ତଫସୀର ସଗିର***

*, ସୁରଃ ନବା, ଜେରେ ଆୟତ ନଂ-୪୧, ପୃ-୭୯୮ ହାଶିୟା)*

ହଜରତ ଅବୁ ବକର ର ଅଙ୍କ ଦେହାନ୍ତ ସମୟ ଯେବେ ନିକଟତର ହେଲା,ସେ ହଜରତ ଆଇଶା ର ଅଙ୍କୁ କହିଲେ ଯେ ହେ ମୋର ଝିଅ ! ତୁମେ ଜାଣିଛ ଯେ ଲୋକମାନଙ୍କ ମଧ୍ୟରେ ମତେ ସବୁଠାରୁ ପ୍ରିୟ ହେଉଛ ତୁମେ । ମୁଁ ତୁମକୁ ମୋର ଅମୁକ ସ୍ଥାନରେ ଥିବା ଜମି ଉପହାର ସଦୃଶ ଦେଇଥିଲି । ଯଦି ତୁମେ ତାହାକୁ ଦଖଲ କରିଥାନ୍ତ ଏବଂ ସେଥିରୁ ଉପକୃତ ହୋଇଥାନ୍ତ,ତାହେଲେ ନିଶ୍ଚିତ ରୂପେ ତାହା ତୁମ ସମ୍ପତି ହୋଇଥାନ୍ତା । କିନ୍ତୁ ଏବେ ତାହା ମୋର ସମସ୍ତ ଉତରାଧିକାରୀଙ୍କ ସମ୍ପତି ହେବ । ମୁଁ ଏହା ପସନ୍ଦ କରେ କି ତୁମେ ତାହାକୁ ଫେରାଇ ଦିଅ । ସେହି ଉପହାରକୁ ଲେଉଟାଇ ଦିଅ । କାରଣ ତାଉପରେ ତୁମେ ଦଖଲ କଲନାହିଁ । ସେହି ଜମି ଖଣ୍ଡିକ ମୋ ଜୀବନରେ ମୋ ବ୍ୟବହାରରେ ରହିଛି । ମୁଁ ତାକୁ ମୋର ସମସ୍ତ ପିଲାମାନଙ୍କ ମଧ୍ୟରେ ଅଲ୍ଲାଃଙ୍କ ପୁସ୍ତକ ଅନୁଯାୟୀ ବଂଟନ କରିବାକୁ ଚାହୁଁଛି । ଏତତଦ୍ୱାରା ମୁଁ ମୋ ପାଳନକର୍ତାଙ୍କ ନିକଟରେ ଏପରି ଅବସ୍ଥାରେ ହାଜିର ହୋଇଯିବି ଯେ ମୁଁ ମୋ ପିଲାମାନଙ୍କ ମଧ୍ୟରେ ଜଣକୁ ଅନ୍ୟ ଜଣକ ଉପରେ କୌଣସି ପ୍ରକାରର ଅଗ୍ରାଧିକାର ଦେଇନଥିବି ଏଥିରେ ହଜରତ ଆଇଶା ର ଅ କହିଲେ ଆପଣଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ । *(ତବକାତୁଲ କୁବରା, ଖ-୦୩,ପୃ-୧୪୫-୧୪୬,ଜିକର ୱସିୟାଃ ଅବି ବକର, ଦାରୁଲ କୁତୁବୁଲ ଅଲମିୟା ବେରୁତ)(ତାରିଖୁଲ ଖୋଲଫାଆ ଅଜ ଅଲାମା ସିୟୁତି (ମୁତରଜିମ) ପୃ-୮୯,ମୁଦ୍ରିତ ନଫିସ ଏକାଡ଼େମୀ କରାଚି)*

ମୁଁ ନିମ୍ନରେ ଯେଉଁ ଘଟଣାକୁ ବର୍ଣ୍ଣନା କରିବାକୁ ଚାହୁଁଛି,ତାହା ମୁଁ ପୂର୍ବରୁ କହିସାରିଛି କିନ୍ତୁ ହଜରତ ଅବୁ ବକର ର ଅଙ୍କ ପଦମର୍ଯ୍ୟାଦା ବିଷୟରେ ମଧ୍ୟ ଏଠାରେ ପୁନର୍ବାର ବର୍ଣ୍ଣନା କରିଦେବାକୁ ଉଚିତ ମଣୁଛି।

ଯେବେ ଖିଲାଫତର ପୋଷାକ ଖୁଦାତାଲା ଆପଣ ର ଅଙ୍କୁ ପିନ୍ଧାଇଲେ,ସେତେବେଳର ଘଟଣା ଯେ ହଜରତ ଅବୁ ବକର ର ଅ ଖଲିଫା ହେବା ପର ଦିନ ପୂର୍ବପରି ନିଜ କାନ୍ଧ ଉପରେ କପଡ଼ାର ଗଣ୍ଠିଲି ରଖି ବଜାର ଆଡ଼କୁ ମୁହାଁଇଲେ ।

ରାସ୍ତାରେ ହଜରତ ଉମର ର ଅ ଏବଂ ହଜରତ ଅବୁ ଉବୈଦାଃ ର ଅ ଙ୍କ ସହିତ ତାଙ୍କର ଭେଟ ହୋଇଗଲା । ସେମାନେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲଙ୍କ ଖଲିଫା ! କୁଆଡ଼େ ବାହାରିଛନ୍ତି ? ହଜରତ ଅବୁ ବକର ର ଅ କହିଲେ ବଜାର ଯାଉଛି । ସେମାନେ କହିଲେ ଆପଣ ଏବେ ମୁସଲମାନମାନଙ୍କର ହାକିମ ଭାବରେ ନିଯୁକ୍ତ ହୋଇଛନ୍ତି । ଚାଲନ୍ତୁ ଆମେ ଆପଣଙ୍କ ପାଇଁ କୌଣସି ୱଜିଫା (ଷ୍ଟାଇପେଂଟ) ନିର୍ଦ୍ଧାରଣ କରିଦେବୁ । ଆପଣ ଲେଉଟି ଚାଲନ୍ତୁ । ଆପଣଙ୍କ ପାଇଁ ୱଜିଫା (ଷ୍ଟାଇପେଂଟ) ନିର୍ଦ୍ଧାରଣ କରାଯିବ । ବାଣିଜ୍ୟ କରିବାର କୌଣସି ଆବଶ୍ୟକତା ନାହିଁ । *(ସିରସ ସାହାବାଃ, ଖ-୦୧, ପୃ-୭୭)*

ଅଲାମା ଇବନେ ସାଆଦ ରହେମହୁଲ୍ଲାଃ ତାଲା ସେହି ୱଜିଫା (ଷ୍ଟାଇପେଂଟ)ର ବିବରଣୀ ଏପରି ବର୍ଣ୍ଣନା କରିଛନ୍ତି ଯେ ତାଙ୍କୁ (ଅର୍ଥାତ ହଜରତ ଅବୁ ବକର ର ଅଙ୍କୁ) ଦଇଟି ଚାଦର ମିଳୁଥିଲା । ଯେବେ ତାହା ପୁରୁଣା ହୋଇଯାଉଥିଲା,ତାକୁ ସେ ଫେରାଇ ଆଉ ଦୁଇଟି ନେଉ ଯାଉଥିଲେ । ଯାତ୍ରା କରିବା ସମୟରେ ବାହାନ ତଥା ଖିଲାଫତ ପୂର୍ବରୁ ତାଙ୍କର ଯେଉଁ ଖର୍ଚ୍ଚ ହେଉଥିଲା, ତା ଅନୁସାରେ,ନିଜ ଏବଂ ନିଜ ପରିବାରବର୍ଗଙ୍କ ପାଇଁ ଖର୍ଚ୍ଚ ନେଉଥିଲେ । *(ସିରସ ସାହାବାଃ,ଖ-୦୧, ପୃ-୮୨)*

ହଜରତ ମୁସଲେହ ମଉଦ ର ଅ କୁହନ୍ତି ଯେ " ହଜରତ ଅବୁ ବକର ର ଅ ସମଗ୍ର ଇସଲାମ ଜଗତରେ ଜଣେ ସମ୍ରାଟ ଥିଲେ,କିନ୍ତୁ ତାଙ୍କୁ କ'ଣ ମିଳୁଥିଲା । ସର୍ବସାଧାରଣଙ୍କ ଟଙ୍କାର ସେ ରକ୍ଷକ ତ ଥିଲେ,କିନ୍ତୁ ନିଜେ ସେହି ଟଙ୍କାରୁ କିଛି ବି ଖର୍ଚ୍ଚ କରୁନଥିଲେ । ବାସ୍ତବପକ୍ଷେ ହଜରତ ଅବୁ ବକର ର ଅ ଜଣେ ମହାନ ବଣିକ ଥିଲେ,କିନ୍ତୁ ଯେହେତୁ ତାଙ୍କର ଏ ଅଭ୍ୟାସ ବହୁତ ଥିଲା ଯେ ଯେଉଁକ୍ଷଣି ଟଙ୍କା ଆସୁଥିଲା ସେ ତାହାସବୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦେଉଥିଲେ । ତେଣୁ ଏପରି ସଂଯୋଗ ହେଲା ଯେ ଯେବେ ରସୁଲେ କରିମ ସ ଆ ସ ଙ୍କ ଦେହାନ୍ତ ହେଲା,ଏବଂ ତାଙ୍କୁ ଖଲିଫା କରିଦିଆଗଲା,ସେତେବେଳେ ତାଙ୍କ ନିକଟରେ ନଗଦ ଟଙ୍କା ନଥିଲା । ତେଣୁ ସେ ଖଲିଫା ହେବାର ଦ୍ୱିତୀୟ ଦିନ ନିଜ କପଡ଼ାର ଗଣ୍ଠିଲିକୁ ଉଠାଇ ତାହାକୁ ବିକ୍ରି କରିବା ପାଇଁ ବାହାରି ପଡ଼ିଥିଲେ । ହଜରତ ଉମର ର ଅ ତାଙ୍କୁ ରାସ୍ତାରେ ଭେଟିଲେ,ପଚାରିଲେ ଯେ ଆପଣ ଏ କ'ଣ କରୁଛନ୍ତି ? ସେ କହିଲେ ଯେ ମୁଁ ତ କିଛି ଖାଇବି ପିଇବି । ଯଦି ମୁଁ କପଡ଼ା ବିକ୍ରି ନକରେ ତା'ହେଲେ କ'ଣ ଖାଇବି ? ହଜରତ ଉମର ର ଅ କହିଲେ ଯେ ଏମିତି ତ ହୋଇନପାରେ । ଯଦି ଆପଣ କପଡ଼ା ବିକ୍ରି କରିବେ ତାହେଲେ ଏହି ଖିଲାଫତର କାମକୁ କିଏ କରିବ ? ହଜରତ ଅବୁ ବକର ର ଅ ଉତର ଦେଲେ ଯେ ଯଦି ମୁଁ ଏହି କାର୍ଯ୍ୟ ନକରେ, ତା'ହେଲେ ପୁଣି ମୁଁ ଚଳିବି କିପରି ? ହଜରତ ଉମର ର ଅ କହିଲେ ଯେ ଆପଣ ବୟତୁଲ ମାଲରୁ ୱଜିଫା (ଷ୍ଟାଇପେଂଟ) ନିଅନ୍ତୁ ।

ହଜରତ ଅବୁ ବକର ର ଅ କହିଲେ ଯେ ମୁଁ ଏକଥାକୁ ତ ବରଦାସ୍ତ କରିପାରିବି ନାହିଁ । ବୟତୁଲ ମାଲ ଉପରେ ମୋର କ'ଣ ଅଧିକାର ରହିଛି ? ହଜରତ ଉମର ର ଅ କହିଲେ ଯେବେ ପବିତ୍ର କୁରଆନ ଏ ଅନୁମତି ଦେଇଛି ଯେ ଧର୍ମକାର୍ଯ୍ୟ କରୁଥିବା ଲୋକପାଇଁ ବୟତୁଲ ମାଲର ଧନକୁ ଖର୍ଚ୍ଚ କରାଯାଇପାରିବ,ତାହେଲେ ଆପଣ କାହିଁକି ନେଇପାରିବେ ନାହିଁ ।

ଅତେବ ତାପରେ ବୟତୁଲ ମାଲରୁ ୱଜିଫା (ଷ୍ଟାଇପେଂଟ)ର ବ୍ୟବସ୍ଥା କରିଦିଆଗଲା । କିନ୍ତୁ ସେ ସମୟ ଅନୁସାରେ ସେହି ୱଜିଫା (ଷ୍ଟାଇପେଂଟ) କେବଳ ଏତିକି ଥିଲା ଯେ ସେଥିରେ କେବଳ ରୁଟି ପାଣିର ଆବଶ୍ୟକତା ପୂରଣ ହୋଇପାରିବ ।" *(ତଫସୀର କବୀର,ଖ-୦୮, ପୃ-୪୬୮)*

ଇବନେ ଅବି ମୁଲୈକା ବର୍ଣ୍ଣନା କରନ୍ତି ଯେ ହଜରତ ଅବୁ ବକର ର ଅଙ୍କ ହାତରୁ ଯଦି ଲଗାମ ଖସି ପଡୁଥିଲା,ସେତେବେଳେ ସେ ନିଜ ଓଟକୁ ବସାଉଥିଲେ,ତାପରେ ସେହି ଲଗାମକୁ ଯାଇ ଉଠାଉଥିଲେ । ତାଙ୍କୁ କୁହାଗଲା ଯେ ଆପଣ ଏହା କରିବା ପାଇଁ ଆମକୁ କାହିଁକି ଆଦେଶ ଦେଲେ ନାହିଁ ? ଆମେ ଆପଣଙ୍କୁ ଧରାଇଦେଇଥାନ୍ତୁ । ହଜରତ ଅବୁ ବକର ର ଅ କହିଲେ ଯେ ମୋ ପ୍ରିୟ ସ ଆ ସ ମତେ ଏ ନିର୍ଦ୍ଦେଶ ଦେଇଥିଲେ ଯେ ମୁଁ ଲୋକମାନଙ୍କଠାରୁ କୌଣସି ଜିନିଷ ମାଗିବି ନାହିଁ । *(ମସନଦ ଅହେମଦ ବିନ ହମ୍ବଲ, ଖ-୦୧, ପୃ-୯୨, ମସନଦ ଅବି ବକର ଅସସିଦ୍ଦିକ,ହଦିସ ନଂ-୬୫, ଆଲିମୁଲ କୁତୁବ ବେରୁତ ୧୯୯୮ )*

ସେ (ଅର୍ଥାତ ହଜରତ ଅବୁ ବକର ର ଅ) ଏତେମାତ୍ରାରେ ଯତ୍ନବାନ ଥିଲେ ।

ହଜରତ ମୁସଲେହ ମଉଦ ର ଅ ବର୍ଣ୍ଣନା କରନ୍ତି ଯେ "ରସୁଲେ କରିମ ସ ଆ ସ ଥରେ ମସଜିଦରେ କିଛି ଲୋକଙ୍କ ପାଟି ଶୁଣିଲେ ଯେ ଅବୁ ବକର ର ଅଙ୍କୁ ଆମଠାରୁ କ'ଣ ବା ଅଧିକା ଗୁଣ ରହିଛି । ଯେଉଁପରି ପୁଣ୍ୟକର୍ମ ସେ କରୁଛନ୍ତି ଆମେ ବି ତ ସେହିପରି ପୁଣ୍ୟକର୍ମ କରୁଅଛୁ । ଯେବେ ରସୁଲେ କରିମ ସ ଆ ସ ଏକଥାକୁ ଶୁଣିଲେ, କହିଲେ ହେ ଲୋକମାନେ ! ଅବୁ ବକରଙ୍କୁ ନମାଜ ଏବଂ ରୋଜା ଯୋଗୁଁ ନୁହେଁ ବରଂ ତାଙ୍କ ହୃଦୟର ଉତମତା ଯୋଗୁ ଶ୍ରେଷ୍ଠତା ମିଳିଛି ।"(ଖୁତବାତେ ମହେମୁଦ,ଖ-୧୯, ପୃ-୭୬୫)

ଅର୍ଥାତ ଯାହା କିଛି ତାଙ୍କ ହୃଦୟରେ ପୁଣ୍ୟ ରହିଛି ଏବଂ ଆଁହଜରତ ସ ଆ ସ ଙ୍କ ପ୍ରତି ତାଙ୍କର ଯେଉଁ ଭକ୍ତିଭାବ ରହିଛି, ଅଲ୍ଲାଃତାଲାଙ୍କ ପ୍ରତି ତାଙ୍କର ଯେଉଁ ଭୟ ରହିଛି ଏବଂ ଯେଉଁ ଡ଼ର ରହିଛି,ତାହା ସବୁ ସେହି ସ୍ତରର ଯେ ତାଙ୍କୁ ତୁମମାଙ୍କ ଉପରେ ଶ୍ରେଷ୍ଠତା ମିଳିଛି । ପୁଣି ଏହା ଅନୁସାରେ ତାଙ୍କର କର୍ମ ମଧ୍ୟ ରହିଛି । କେବଳ ମନ ଭିତରେ ନୁହେଁ ବରଂ କର୍ମରେ ମଧ୍ୟ ରହିଛି।

ହଜରତ ମସିହ ମଉଦ ଆ ସ ପବିତ୍ର କୁରଆନର ଗୋଟିଏ ଆୟତର ବ୍ୟାଖ୍ୟା କରି ହଜରତ ଅବୁ ବକର ର ଅ ଙ୍କ ପଦବୀ ଏବଂ ପଦମର୍ଯ୍ୟାଦା ବିଷୟରେ ଏପରି କହିଛନ୍ତି ଯେ " ଅଲ୍ଲାଃତାଲା ଏଠାରେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ତୁମକୁ ପୂର୍ଣ୍ଣ ବିଶ୍ୱାସର ନିଶ୍ଚିତ ମାନ୍ୟତା ମିଳିନାହିଁ ସେପର୍ଯ୍ୟନ୍ତ ତୁମେ ଉପାସନା କରିଚାଲ ଏବଂ ଅନ୍ଧକାରର ଆବରଣକୁ ହଟାଇ ଦେଖ,ଜାଣି ପାରିବ ଯେ ଏବେ ମୁଁ ସେପରି ନାହିଁ ଯେପରି ମୁଁ ପୂର୍ବେ ଥିଲି । ବରଂ ଏବେ ତ ଗୋଟିଏ ନୂତନ ଦେଶ ,ଏକ ନୂତନ ପୃଥିବୀ, ଏକ ନୂତନ ଆକାଶ ଦିଶୁଛି ଏବଂ ମୁଁ ମଧ୍ୟ ଗୋଟିଏ ନୂତନ ଜୀବ ହୋଇଯାଇଛି । ଏହି ଦ୍ୱିତୀୟ ଜୀବନକୁ ସୁଫିମାନେ ବକା ନାମରେ ନାମିତ କରିଛନ୍ତି । ଯେବେ ମଣିଷ ଏହି ସ୍ତରକୁ ପହଂଚି ଯାଏ,ଅଲ୍ଲାଃତାଲାଙ୍କ ଆତ୍ମାର ଫୁଙ୍କ ତାହାଠାରେ ଫୁଙ୍କା ଯାଇଥାଏ । ମଲାଇକା (ଅର୍ଥାତ ଦେବଦୂତ)ମାନେ ତାହାଙ୍କ ଉପରେ ଅବତରଣ କରିଥାନ୍ତି । ଏହା ହେଉଛି ସେହି ରହସ୍ୟ ଯାହା ହଜରତ ଅବୁ ବକର ର ଅଙ୍କ ବିଷୟରେ ଅଲ୍ଲାଃଙ୍କ ଦୂତ (ହଜରତ ମୁହମ୍ମଦ) ସ ଆ ସ କହିଥିଲେ ଯେ ଯଦି କିଏ ଚାହୁଁଛି ଯେ ଜଣେ ମୃତ ଲୋକକୁ ଏହି ଭୂଇଁ ଉପର ଚଲାବୁଲା କରୁଥିବାର ଦେଖିବ ତାହେଲେ ସେ ଅବୁ ବକର ର ଅଙ୍କୁ ଦେଖନ୍ତୁ ଏବଂ ଅବୁ ବକର ର ଅଙ୍କର ପଦମର୍ଯ୍ୟାଦା ତାଙ୍କ ବାହ୍ୟ କାର୍ଯ୍ୟ ଉପରେ ଆଧାରିତ ନୁହେଁ ବରଂ ତାଙ୍କ ଅନ୍ତରରେ ଯାହା କିଛି ଅଛି ତା ଉପରେ ଆଧାରିତ ।" *(ମଲଫୁଜାତ,ଖ-୦୨,ପୃ-୯୮)*

ହଜରତ ଅବୁ ସଇଦ ଖୁଦରୀ ର ଅ ବର୍ଣ୍ଣନା କରିଛନ୍ତି ଯେ ଥରେ ସେହି ଲୋକମାନେ ରସୁଲୁଲ୍ଲାଃ ସ ଆ ସଙ୍କ ସହିତ କୌଣସି ଏକ ଯାତ୍ରାରେ ଯାଉଥିଲେ,ଯେବେ ରାସ୍ତାରେ ରହଣି ହେଲା, ସେତେବେଳେ ଭିନ୍ନ ଭିନ୍ନ ଦଳରେ ବାଂଟି ହୋଇଗଲେ । କିଏ କାହା ସହିତ ତ ଆଉ କିଏ କାହା ସହିତ । ହଜରତ ଅବୁ ସଇଦ ଖୁଦରୀ ର ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜରତ ଅବୁ ବକର ର ଅଙ୍କ ସାଥିରେ ରହିଲି । ଆମ ସହିତ ବେଡୁଇନମାନଙ୍କ ମଧ୍ୟରୁ ଜଣେ ଦେହାତି ଲୋକ ମଧ୍ୟ ଥିଲେ । ଆମେ ଯେଉଁ ବେଡୁଇନଙ୍କ ଘରେ ରହିଥିଲୁଁ ତାଙ୍କର ଜଣେ ମହିଳା ଗର୍ଭବତୀ ଥିଲେ । ସେହି ବେଡୁଇନ ଜଣକ ସେହି ମହିଳାଙ୍କୁ କହିଲା ଯେ ତୁମେ ଗୋଟିଏ ପୁଅ ପାଇବାକୁ ଚାହୁଁଛ କି ? ଯଦି ତୁ ମତେ ଗୋଟିଏ ଛେଳି ଦେବୁ ତାହେଲେ ତୁମର ପୁଅ ଜନ୍ମ ହେବ । ଅତେବ ସେହି ମହିଳା ଜଣକ ତାକୁ ଗୋଟିଏ ଛେଳି ଦେଇଦେଲା । ସେହି ବେଡୁଇନ ତା ସମ୍ମୁଖରେ ଗୋଟିଏ ଓଜନର ଅନେକ କାଫିୟା (ପଦ) ପଢି ଶୁଣାଇଦେଲା । ତା ସମନାରେ କିଛି ମନ୍ତ୍ରପାଠ କଲା । ପୁଣି ସେ ଛେଳିଟିକୁ ଜେବହ (ହତ୍ୟା) କରିଲା । ଯେତେବେଳେ ଲୋକମାନେ ଖାଇବା ପାଇଁ ବସିଲେ, ଜଣେ କହିଲା ଯେ କ'ଣ ତୁମେମାନେ ଏକଥା ଜାଣିଛ ଯେ ଏହି ଛେଳିଟି କିପରି ଥିଲା । ତାପରେ ସେ ସେହି ଘଟଣାକୁ ପୁରା ପୁରା ଶୁଣାଇଲା ଯେ କିପରି ସେ ଉକ୍ତ ମହିଳାଙ୍କ ଠାରୁ ଏପରି କହି ସେହି ଛେଳିଟିକୁ ଆଣିଥିଲା ଯେ ମୁଁ ଏହି ଛେଳି ଉପରେ

ଏପରି ମନ୍ତ୍ର ପାଠ କରିବି,ତୁମର ପୁଅ ହେବ।

ବର୍ଣ୍ଣନାକାରୀ କୁହନ୍ତି ଯେ ମୁଁ ହଜରତ ଅବୁ ବକର ର ଅଙ୍କୁ ଦେଖିଲି ଯେ ସେ ମଧ୍ୟ ସେଠାରେ ଥିଲେ । ସେ ଖାଇବା ଲୋକମାନଙ୍କ ମଧ୍ୟରେ ସାମିଲ ଥିଲେ । ଏହା ଶୁଣି ସେ (ଅର୍ଥାତ ହଜରତ ଅବୁ ବକର ର ଅ) ଭିଷଣ ଘୃଣାଭାବ ପ୍ରଦର୍ଶନ କରି ନିଜ ଗଳାରେ ଆଙ୍ଗୁଳି ପୁରାଇ ତାକୁ (ଅର୍ଥାତ ସେହି ଖାଦ୍ୟକୁ) ବାହାର କରୁଥିଲେ । ***(ମସନଦ ଅହମଦ ବିନ ହମ୍ବଲ, ଖ-୦୮, ପୃ-୧୯-୨୦,ମସନଦ ଅବି ସଇଦ ଅଲଖୁଦରୀ, ହଦିସ ନଂ-୧୧୪୨୦,ଦାରୁଲ ହଦିସ ଅଲକାହିରାଃ ୨୦୧୨)***

ଅର୍ଥାତ ବାନ୍ତି କରି ସେହି ଖାଦ୍ୟକୁ ବାହାର କରୁଥିଲେ । ଯେଉଁ ଖାଦ୍ୟ ସିର୍କର ଉତ୍ସ ହୋଇଥିବ ମୁଁ ତାହାକୁ ଖାଇପାରିବି ନାହିଁ ।

ହଜରତ ଆଇଶା ର ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ର ଅଙ୍କର ଗୋଟିଏ ଗୁଲାମ (କ୍ରିତଦାସ) ଥିଲା । ସେ ତାଙ୍କୁ ରୋଜଗାର ଆଣି ଦେଉଥିଲା ଏବଂ ହଜରତ ଅବୁ ବକର ର ଅ ତା ରୋଜଗାରରୁ ଖାଉଥିଲେ । ଦିନେ ସେ କିଛି ଜିନିଷ ଆଣିଲେ ଓ ତାକୁ ହଜରତ ଅବୁ ବକର ର ଅ ସେଥିରୁ ଖାଇଲେ । ଗୁଲାମ ଜଣକ ହଜରତ ଅବୁ ବକର ର ଅଙ୍କୁ କହିଲେ ଯେ ମୁଁ ଜାହିଲିୟତ (ଅର୍ଥାତ ଇସଲାମର ପୂର୍ବବର୍ତୀ) ସମୟରେ ଗୋଟିଏ ଲୋକ ପାଇଁ କାହାନତ (ଅର୍ଥାତ ଗୁଣି ଗାରେଡ଼ି ଇତ୍ୟାଦି ଝାଡ଼ଫୁଙ୍କ କାମ) କରୁଥିଲି । ମୁଁ ଏହି କାହାନତ ବିଦ୍ୟାରେ ପାରଙ୍ଗମ ନୁହେଁ । ମୁଁ ତାକୁ କେବଳ ଧୋକା ଦେଉଥିଲି । ସେ ମତେ ମିଳିଲା ଏବଂ ମତେ କିଛି ଜିନିଷ ଦେଲା । ସେହି ଜିନିଷରୁ ଆପଣ ଖାଇଛନ୍ତି । ଉପହାର ସଦୃଶ ବା ବେଳେ ବେଳେ କିଛି ଜିନିଷ ନେଇଆସୁଥିଲି । ଏଥିରେ ହଜରତ ଅବୁ ବକର ର ଅ ନିଜର ହାତକୁ ଗଳାରେ ପୁରାଇଲେ ଏବଂ ଯାହା କିଛି ପେଟରେ ଥିଲା ସବୁକିଛି ବାନ୍ତି କରିଦେଲେ । ***(ସହି ବୁଖାରୀ, କିତାବ ମନାକିବୁଲ ଅନସାର, ବାବ ଅୟାମୁଲ ଜାହିଲିୟାଃ, ହଦିସ ନଂ-୩୮୪୨)*** ସେ କହିଲେ ଏପରି ହରାମ (ଅର୍ଥାତ ଅବୈଧ) ଖାଦ୍ୟ ମୁଁ ଖାଇପାରିବି ନାହିଁ ।

ହଜରତ ଅବ୍ଦୁଲ୍ଲାଃ ବିନ ଉମର ରଅ ବର୍ଣ୍ଣନା କରିଛନ୍ତି ଯେ ରସୁଲେ କରିମ ସ ଅ ସ କହିଲେ: ଯିଏ ଗର୍ବ ଅହଂକାର କରି ନିଜ ବସ୍ତ୍ରକୁ ଘୋଷାରି କରି ଚାଲେ,ଅଲ୍ଲାଃତାଲା କୟାମତ ଦିନ ତା ଆଡ଼କୁ ଚାହିଁବେ ନାହିଁ । ହଜରତ ଅବୁ ବକର ର ଅ କହିଲେ ଯେ ମୋ ବସ୍ତ୍ର ସାଧାରଣତଃ ଗୋଟିଏ ପଟକୁ ଓହଳି ରହୁଛି,କେବଳ ତାହା ବ୍ୟତୀତ ଯଦି ମୁଁ ବିଶେଷ ଭାବରେ ତାର ଯତ୍ନ ନେଇଥାଏ ରସୁଲେ କରିମ ସ ଅ ସ କହିଲେ ତୁମେ ତ ଏହା ଗର୍ବ ଓ ଅହଂକାର କରି କରୁନାହଁ । ***(ସହି ବୁଖାରୀ, କିତାବ ଫଜାଇଲ ଅସହାବନ ନବୀ, ବାବ କୌଲୁନ ନବୀ ସ ଆ ସ ଲୌ କୁନତୁ ...ହଦିସ ନଂ-୩୬୬୫)***

ହଜରତ ମସିହ ମଉଦ ଆସ କୁହନ୍ତି :

" ଥରେ ଆଁ ହଜରତ ସ ଆ ସ କହିଲେ ଯେ ଯେଉଁମାନଙ୍କର ଲୁଙ୍ଗି ତଳକୁ ଖସିଯାଉଛି ସେ ନର୍କଗାମୀ ହେବ । ହଜରତ ଅବୁ ବକର ର ଅ ଏହା ଶୁଣି କାନ୍ଦିପକାଇଲେ । କାରଣ ତାଙ୍କର ଲୁଙ୍ଗି ମଧ୍ୟ ସେହିପରି ଥିଲା । ଏଥିରେ ଆଁ ହଜରତ ସ ଆ ସ କହିଲେ ଯେ ତୁମେ ସେମାନଙ୍କ ମଧ୍ୟରେ ନାହଁ । ତେଣୁ ନିୟତ (ଉଦ୍ଦେଶ୍ୟ) ର ପ୍ରଭାବ ବହୁ ମାତ୍ରାରେ ରହିଛି। ନିଜର ସ୍ତରକୁ ସୁରକ୍ଷିତ କରିରଖିବା ଅତ୍ୟନ୍ତ ଆବଶ୍ୟକ ।"(ମଲଫୁଜାତ,ଖ-୦୭, ପୃ-୨୫)

ପୁଣି ରସୁଲେ କରିମ ସ ଅ ସଙ୍କ ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱିକାର କରିବା,ରସୁଲୁଲ୍ଲାଃଙ୍କ ପ୍ରେମରେ ଉଦବୁଧ ହେବା ଏବଂ ରସୁଲୁଲ୍ଲାଃଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ବିଷୟରେ ଉଲଲ୍ଲେଖ ରହିଛି । ଦିନେ ହଜରତ ଆଇଶା ର ଅ ଘରେ ରସୁଲୁଲ୍ଲାଃଙ୍କ ସହିତ ବଡ଼ ପାଟିରେ କଥା ହେଉଥିଲେ । ସେତିକି ବେଳକୁ ତାଙ୍କ ପିତା ହଜରତ ଅବୁ ବକର ର ଅ ଆସି ପହଂଚିଲେ । ଏପରି ଅବସ୍ଥାକୁ ଦେଖି ସେ ଆଉ ସମ୍ଭାଳି ରହିପାରିଲେ ନାହିଁ । ସେ ନିଜ ଝିଅକୁ ମାରିବା ପାଇଁ ଆଗକୁ ବାହାରୁଥିଲେ ଯେ ରସୁଲେ କରିମ ସ ଆ ସଙ୍କ ସମ୍ମୁଖରେ ଏମିତି କାହିଁକି କଥା ହେଉଛ ? ଆଁ ହଜରତ ସ ଆ ସ ଏହା ଦେଖିବା ମାତ୍ରେ ବାପ ଝିଅଙ୍କ ମଧ୍ୟରେ ଆସି ହସ୍ତକ୍ଷେପ କଲେ ଏବଂ ହଜରତ ଅବୁ ବକର ର ଅଙ୍କ ଦଣ୍ଡରୁ ସେ ହଜରତ ଆଇଶାଙ୍କୁ ବଂଚାଇଦେଲେ । ଯେତେବେଳେ ହଜରତ ଅବୁ ବକର ରଅ ଚାଲିଗଲେ,ରସୁଲେ କରିମ ସ ଆ ସ ହଜରତ ଆଇଶା ର ଅଙ୍କୁ ଥଟାରେ କହିଲେ ଦେଖିଲ ! ଆଜି ଆମ୍ଭେ ତୁମକୁ ତୁମ ବାପାଙ୍କଠାରୁ କିପରି ବଂଚାଇଦେଲୁ । କିଛି ଦିନ ଅନ୍ତରାଳରେ ହଜରତ ଅବୁ ବକର ର ଅ ପୁନର୍ବାର ଆସିଲେ,ଆସି ଦେଖନ୍ତି ଯେ ଆଁ ହଜରତ ସ ଆ ସଙ୍କ ସହିତ ହଜରତ ହସଖୁସିରେ କଥା ହେଉଛନ୍ତି । ହଜରତ ଅବୁ ବକର ର ଅ କହିଲେ ଯେ ଦେଖ ତୁମେ ମତେ ତୁମ ଝଗଡ଼ାରେ ମତେ ସାମିଲ କରିଦେଇଥିଲ । ଏବେ ଖୁସିରେ ବି ସାମିଲ କରିଦିଅ । ଏଥିରେ ରସୁଲେ କରିମ ସ ଆ ସ କହିଲେ ଯେ ଆମେ ଆପଣଙ୍କୁ ସାମିଲ କରୁଛୁ । ***(ସୁନନେ ଅବି ଦାଉଦ, କିତାବଲ ଅଦବ, ବାବ ମା ଜାଆ ଫିଲ ମଜାହ, ହଦିସ ନଂ-୪୯୯୯)***

ହଜରତ ଅକବାଃ ବିନ ହାରିସ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ହଜରତ ଅବୁ ବକର ର ଅ ଙ୍କୁ ଦେଖିଲି ଯେ ସେ ହଜରତ ହସନ ର ଅଙ୍କୁ ଉଠାଇ ଧରିଥିଲେ ଏବଂ ଏହା କହିଚାଲିଥିଲେ ଯେ ମୋ ବାପା ତୁମ ଉପରେ ଉତ୍ସର୍ଗ ହୁଅନ୍ତୁ । ଇଏ ତ ନବୀଙ୍କ ରୂପ ଚେହେରା ରଖିଛି । ଇଏ ଅଲୀ ର ଅଙ୍କ ରୂପ ଓ ଚେହେରା ରଖିନାହାନ୍ତି । ଏହା ଦେଖି ହଜରତ ଅଲୀ ର ଅ ହସୁଥିଲେ । ***(ବୁଖାରୀ, କିତାବ ଫଜାଇଲ ଅସହାବେ ନବୀ ସ ଆ ସ,ବାବ ମନାକିବୁଲ ହସନ ୱଲ ହୁସୈନ ର ଅ ,ହଦିସ ନଂ-୩୭୫୦)***

ହଜରତ ଅବ୍ଦୁଲ୍ଲାଃ ବିନ ଉମର ର ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ହଜରତ ଉମର ବିନ ଖତାବ ର ଅ ଙ୍କ ଝିଅ ହଜରତ ହଫସାଃ ର ଅ ହଜରତ ଖୁନୈସ ବିନ ହୁଜାଫା ସହମୀ ର ଅ ଙ୍କ ଦେହାନ୍ତ ଯୋଗୁଁ ବିଧବା ହୋଇଗଲେ, ଏବଂ ଖୁନୈସ ର ଅ ରସୁଲୁଲ୍ଲାଃ ସ ଆ ସଙ୍କ ସାହାବା ମାନଙ୍କ ମଧ୍ୟରୁ ଥିଲେ। ସେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ସେ ମଦିନାରେ ମୃତ୍ୟୁ ବରଣ କରିଥିଲେ । ହଜରତ ଉମର ବିନ ଖତାବ ର ଅ କୁହନ୍ତି ଯେ ମୁଁ ଉସମାନ ବିନ ଅଫାନ ର ଅଙ୍କ ସହିତ ଭେଟିଲି ଏବଂ ତାଙ୍କ ନିକଟରେ ହଜରତ ହଫସାଃଙ୍କ କଥା ଉଠାଇଲି । ପୁଣି କହିଲି ଯେ ଯଦି ଆପଣ ଇଚ୍ଛା କରନ୍ତି ତାହେଲେ ହଜରତ ହଫସାଃଙ୍କୁ ବିବାହ କରିପାରନ୍ତି । ସେ କହିଲେ ମୁଁ ଏ ମାମଲାରେ ଚିନ୍ତା କରି କହିବି । ଅତେବ ଅନେକ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଲି । ପୁଣି ଉସମାନ ର ଅ କହିଲେ ଯେ ମୁଁ ଭାବୁଛି ଯେ ମୋ ପାଇଁ ଏବେ ବିବାହ ନକରିବା ଭଲ ହେବ । ହଜରତ ଉମର ର ଅ କହୁଥିଲେ ଯେ ପୁଣି ହଜରତ ଅବୁ ବକର ର ଅଙ୍କ ସହିତ ଭେଟ କରି କହିଲି ଯେ ଯଦି ଆପଣ ଚାହିଁବେ ମୁଁ ହଫସାଃଙ୍କ ବିବାହ (ନିକାହ) ଆପଣଙ୍କ ସହିତ କରାଇଦେବି । ଏକଥା ଶୁଣି ହଜରତ ଅବୁ ବକର ର ଅ ନୀରବ ହୋଇଗଲେ ଓ ମତେ କିଛି ଉତ୍ତର ଦେଲେ ନାହିଁ । ହଜରତ ଉମର ର ଅ କହୁଥିଲେ ଯେ ଉସମାନ ର ଅ ଙ୍କ ତୁଳନାରେ ମୁଁ ହଜରତ ଅବୁ ବକର ର ଅଙ୍କ ବ୍ୟବହାରରେ ବହୁତ ବ୍ୟସ୍ତବିବ୍ରତ ହୋଇଗଲି । ତାପରେ ମୁଁ କିଛି ରାତି ଅପେକ୍ଷା କଲି । ତାପରେ ରସୁଲେ କରିମ ସ ଆ ସ ସ୍ୱୟଂ ହଫସାଃଙ୍କ ସହିତ ନିକାହ କରିବା ପାଇଁ ବାର୍ତା ପଠାଇଲେ । ଅତେବ ମୁଁ ଆପଣ ସ ଆ ସଙ୍କ ସହିତ ହଫସାଃଙ୍କ ନିକାହ (ବିବାହ) କରିଦେଲି । ପୁଣି ହଜରତ ଅବୁ ବକର ର ଅ ମୋତେ ସାକ୍ଷାତ କରି କହିଲେ ଯେ ବୋଧହୁଏ ଆପଣ ମୋ ଉପରେ ରାଗିଥିବେ । ଯେବେ ଆପଣ ହଫସାଃ ର ଅଙ୍କ କଥା କହିଲେ,ମୁଁ କୌଣସି ଉତ୍ତର ଦେଲିନାହିଁ । ଏଥିରେ ମୁଁ କହିଲି ହଁ ଏହିପରି ହୋଇଥିଲା । ଏଥିରେ ସେ କହିଲେ ଯେ ବାସ୍ତବରେ ଯେଉଁ ପ୍ରସ୍ତାବ ଆପଣ ପେଶ କରିଥିଲେ,ମୁଁ ସେଥିପାଇଁ ଉତର ଦେବାକୁ ଅଟକି ଯାଇନଥିଲି କିନ୍ତୁ ସେ କଥା ମତେ ଅଟକାଇ ଦେଇଥିଲା ଯେ ମୁଁ ଏହା ଜାଣି ପାରିଥିଲି ଯେ ରସୁଲେ କରିମ ସ ଅ ସ ହଫସାଃଙ୍କୁ ବିବାହ କରିବାକୁ ଚାହୁଁଛନ୍ତି । ତେଣୁ ମୁଁ ଏପରି ନଥିଲି ଯେ ରସୁଲେ କରିମ ସ ଅ ସଙ୍କ ଇଚ୍ଛାକୁ ତୁମ ନିକଟରେ ପ୍ରକାଶ କରିଥାନ୍ତି । ଅର୍ଥାତ ମୁଁ ଆପଣଙ୍କୁ ବତାଇଥାନ୍ତି ଯେ ଏହିପରି ରସୁଲେ କରିମ ସ ଅ ସଙ୍କର ଇଚ୍ଛା ଅଛି । ତେଣୁ ମୁଁ ନୀରବତା ଅବଲମ୍ବନ କଲି । ମନା କରିଦେଲି । ପୁଣି ସେ କହିଲେ ଯେ ଯଦି ଏହି ପ୍ରସ୍ତାବକୁ ରସୁଲେ କରିମ ସ ଅ ସ ଛାଡ଼ିଦେଇ ଥାଆନ୍ତେ,ତାହେଲେ ମୁଁ ନିଶ୍ଚିତ ଭାବେ ଆପଣଙ୍କ ଝିଅଙ୍କ ପ୍ରସ୍ତାବକୁ ଗ୍ରହଣ କରିଥାନ୍ତି । ***(ସହି ବୁଖାରୀ, କିତାବୁଲ ମଗାଜି,ହଦିସ ନଂ-୪୦୦୫)***

ହଜରତ ଅଲୀ ର ଅଙ୍କର ହଜରତ ଅବୁ ବକର ର ଅଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ବିଷୟରେ ଉଲ୍ଲେଖ ରହିଛି ଯେ ହଜରତ ଇବନେ ଅବାସ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ ମୁଁ ସେହି ଲୋକମାନଙ୍କ ମଧ୍ୟରେ ଛିଡ଼ା ହୋଇଥିଲି,ଯେଉଁମାନେ ହଜରତ ଉମର ବିନ ଖତାବଙ୍କ ଦେହାନ୍ତ ପରେ ତାଙ୍କ ପାଇଁ ଦୁଆ କରୁଥିଲେ । ସେତେବେଳେ ତାଙ୍କୁ ଖଟିଆ ଉପରେ ରଖାଯାଇଥିଲା । ମୁଁ ଏହି ସମୟରେ ଦେଖିବାକୁ ପାଇଲି ଯେ ଜଣେ ବ୍ୟକ୍ତି ମୋ ପଛପଟୁ ଆସି ନିଜର କହୁଣୀକୁ ମୋ କାନ୍ଧ ଉପରେ ରଖିଦେଲେ । ତାପରେ କହିବାକୁ ଲାଗିଲେ ଯେ ଅଲ୍ଲାଃ ତୁମ ଉପରେ ଦୟା କରନ୍ତୁ । ମୋର ତ ଏହି ଆଶା ଥିଲା ଯେ ଅଲ୍ଲାଃ ତୁମକୁ ମଧ୍ୟ ଆମର ଦୁଇ ସାଥିମାନଙ୍କ ସହିତ ହିଁ ଦଫନ (ସମାଧି / କବର) ଦେବେ । କାରଣ ମୁଁ ରସୁଲୁଲ୍ଲାଃ ସ ଆ ସଙ୍କୁ ଏହା କହୁଥିବାର ଶୁଣିଛି ଯେ ମୁଁ ,ଅବୁ ବକର ଏବଂ ଉମର ଅମୁକ ସ୍ଥାନରେ ଥିଲୁଁ । ମୁଁ ଅବୁ ବକର ଏବଂ ଉମର ଏହା କରିଲୁ । ମୁଁ ଅବୁ ବକର ଏବଂ ଉମର ଚାଲିଗଲୁ । ତେଣୁ ମୁଁ ଏ ଆଶା ରଖିଥିଲି ଯେ ଅଲ୍ଲାଃ ତାଲା ତୁମକୁ ମଧ୍ୟ ସେମାନଙ୍କ ସହିତ ହିଁ ରଖିବେ । ମୁଁ ଯେବେ ପଛକୁ ଚାହିଁ ଦେଖିଲି,ସେ ହଜରତ ଅଲୀ ବିନ ଅବି ତାଲିବ ର ଅ ଥିଲେ । ***(ସହି ବୁଖାରୀ, କିତାବ ଫଜାଇଲ ଅସହାବୁନ ନବି ସ ଆ ସ, ବାବ କୌଲୁନ ନବି ସ ଅ ସ କୁନତ....,ହଦିସ ନଂ-୩୬୭୭)***

ଅବଶିଷ୍ଟ ବିଷୟ ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରାଯିବ ।

⌘⌘⌘⌘⌘⌘⌘⌘⌘⌘

**ଓଡ଼ିଆ ବଦର ସଂଖ୍ୟା ୦୩ ବର୍ଷ-୦୮ ପୃ-୦୩ ରେ ପ୍ରକାଶିତ ଖୁତବା ଜୁମା ପ୍ରଦତ୍ତ ୦୯ ସେପ୍ଟେମ୍ବର ୨୦୨୨ର ଅବଶିଷ୍ଟାଂଶ**

ହଜରତ ମୁସଲେହ ମଉଦ ର ଅ ଶାୱିର ହୁମ (ଆଲେ ଇମରାନ :୧୬୦)ର ବ୍ୟାଖ୍ୟା କରି ଏହାର ବର୍ଣ୍ଣନା ଏପରି କରିଛନ୍ତି ଯେ ଏହି ଗୋଟିଏ ଶବ୍ଦ ଉପରେ ଅନୁଧ୍ୟାନ କରା ଏଥିରୁ ଜଣାପଡୁଛି ଯେ ପରାମର୍ଶ ନେଉଥିବା ବ୍ୟକ୍ତି ହେଉଛନ୍ତି ଜଣେ । ଦୁଇ ଜଣ ବି ନୁହେଁ ଏବଂ ଯାହାଙ୍କଠାରୁ ପରାମର୍ଶ ନେବ ସେମାନେ କୌଣସି ପ୍ରକାରେ ତିନି ବା ତିନିରୁ ଅଧିକ ହୋଇଥିବେ । ପୁଣି ସେ ଏମାନଙ୍କ ପରାମର୍ଶ ଉପରେ ବିଚାର କରନ୍ତୁ । ତାପରେ ଏ ନିର୍ଦ୍ଦେଶ ରହିଛି ଯେ ଫଇଜା ଅଜମତା ଫତୱକ୍କଲ୍ ଅଲଲ୍ଲାଃ (ଆଲେ ଇମରାନ:୧୬୦) ଅର୍ଥାତ ତୁମେ ଯେତେବେଳେ (କୌଣସି ବିଷୟରେ)ଦୃଢ ସଂକଳ୍ପ କରିନିଅ, ସେତେବେଳେ ଅଲ୍ଲାଃଙ୍କ ଉପରେ ଭରସା କର । ଏବଂ କାହାର ବି ପରବାଏ କରନାହିଁ । ଅର୍ଥାତ ପରାମର୍ଶ ନେବା ଲୋକ ପରାମର୍ଶ ନିଅନ୍ତୁ । ତାପରେ , ପରାମର୍ଶ ନେବା ପରେ ଏହାର ବିଶ୍ଳେଷଣ କରି ତାଉପରେ ପରିଚାଳିତ ହୁଅନ୍ତୁ । ପୁଣି କାହାର ପରୁଆ କରନ୍ତୁ ନାହିଁ । ପୁଣି ଆପଣ ର ଅ ଲେଖିଛନ୍ତି ଯେ ହଜରତ ଅବୁ ବକର ର ଅ ଙ୍କ ଖିଲାଫତ ସମୟରେ ଏହି ସଂକଳ୍ପର ବିଶେଷ ଦୃଷ୍ଟାନ୍ତ ରହିଛି । ଯେବେ ଲୋକମାନେ ମୁରତଦ୍ (ଅର୍ଥାତ ଇସଲାମକୁ ଛାଡି ବିଦ୍ରୋହୀ) ହୋଇଗଲେ ସେତେବେଳେ ହଜରତ ଅବୁ ବକର ର ଅ ଙ୍କୁ ପରାମର୍ଶ ଦିଆଗଲା ଯେ ଆପଣ ର ଅ ସେହି ସୈନ୍ୟବାହିନୀକୁ ରୋକି ଦିଅନ୍ତୁ ଯାହା ଉସାମାଃଙ୍କ ନେତୃତ୍ୱରେ ଯୁଦ୍ଧ ଅଭିଯାନରେ ବାହାରିଥିଲା । କିନ୍ତୁ ସେ ଉତର ଦେଲେ ଯେ ଯେଉଁ ସେନାକୁ ଆଁହଜରତ ସ ଆ ସ ପ୍ରେରଣ କରିଥିଲେ ମୁଁ ତାକୁ ଅଟକାଇ ପାରିବି ନାହିଁ । ଏପରି କରିବାକୁ ଅବୁ କାହାଫାଙ୍କ ପୁତ୍ରର ଶକ୍ତି ନାହିଁ । ପୁଣି କିଛି ଲୋକଙ୍କୁ ମଧ୍ୟ ରୋକିଦେଲେ । ଅତେବ ହଜରତ ଉମର ର ଅ ମଧ୍ୟ ସେହି ସେନାରେ ଯିବା ପାଇଁ ବାହାରିଥିଲେ କିନ୍ତୁ ତାଙ୍କୁ ରୋକିଦେଲେ ।

ପୁଣି ଜକାତ ସମ୍ବନ୍ଧରେ କୁହାଗଲା ଯେ ଲୋକମାନଙ୍କୁ ମୁରତଦ (ଅର୍ଥାତ ବିଦ୍ରୋହୀ) ହେବାରୁ ରୋକିବା ପାଇଁ ସେମାନଙ୍କୁ କ୍ଷମା କରିଦିଅ । ହଜରତ ଅବୁ ବକର ର ଅ ଉତର ଦେଲେ ଯେ ଯଦି ସେମାନେ ରସୁଲେ କରିମ ସ ଆ ସ ଙ୍କୁ ଓଟ ବାନ୍ଧିବା ପାଇଁ ଥିବା ଗୋଟିଏ ଦଉଡ଼ି ବି ଦେଉଥିଲେ,ତାହେଲେ ମୁଁ ତାହା ବି ନେବି । ଯଦି ତୁମେମାନେ ସମସ୍ତେ ମତେ ଛାଡ଼ି ଚାଲିଯାଅ ଏବଂ ମୁରତଦ୍ଦୀନମାନଙ୍କ ସହିତ ଜଙ୍ଗଲର ହିଂସ୍ର ପଶୁମାନେ ବି ଆସି ମିଶିଯାଆନ୍ତି,ତାହେଲେ ମୁଁ ଏକୁଟିଆ ସେମାନଙ୍କ ସହିତ ଯୁଦ୍ଧ କରିବି । ଏହା ହେଉଛି ପ୍ରତିବଦ୍ଧତାର୍ ଦୃଷ୍ଟାନ୍ତ । ତାପରେ କଣ ହେଲା ତୁମେମାନେ ଜାଣିଛନ୍ତି । ଏହା ହଜରତ ଅବୁ ବକର ର ଅଙ୍କର ନିଜସ୍ୱ ନିର୍ଣ୍ଣୟ ଥିଲା ,ଯେବେ କି ଲୋକମାନଙ୍କର ପରାମର୍ଶ ତାଙ୍କ ନିର୍ଣ୍ଣୟଠାରୁ ଅଲଗା ଥିଲା କିନ୍ତୁ କ'ଣ ହେଲା । ଯେଉଁ ସଂକଳ୍ପର ନମୁନା ହଜରତ ଅବୁ ବକର ର ଅ ପ୍ରଦର୍ଶନ କଲେ,ଅଲ୍ଲାଃତାଲା ତାଙ୍କ ନିର୍ଣ୍ଣୟ (ପ୍ରତିବଦ୍ଧତା) ଯୋଗୁଁ ବିଜୟର ଦ୍ୱାର ଖୋଲିଦେଲେ । ମନେ ରଖନ୍ତୁ ! ଯେତେବେଳେ ଜଣେ ଅଲ୍ଲାଃତାଲାଙ୍କୁ ଭୟ କରେ, ସେତେବେଳେ ଅନ୍ୟ କାହାର ଭୟ ତା ହୃଦୟକୁ ପ୍ରଭାବିତ କରେ ନାହିଁ । ***(ମନସବେ ଖିଲାଫତ, ଅନୱାରୁଲ ଉଲୁମ, ଖ-୦୨,ପୃ-୫୮)***

ଏହ ହେଉଛି ଖିଲାଫତର ବାସ୍ତବିକତା ।

ବୟତୁଲ ମାଲର ସ୍ଥାପନା ରସୁଲେ କରିମ ସ ଆ ସଙ୍କ ପବିତ୍ର ଯୁଗରେ ଏକ ପ୍ରକାର ହୋଇସାରିଥିଲା । ମାଲେ ଗନିମତ,ଖୁମୁସ,ଫଇ ଏବଂ ଜକାତ ଇତ୍ୟାଦି ଯେଉଁ ଧନ ସମ୍ପତି ଆସୁଥିଲା ମହାଭାଗ ସ ଆ ସ ସଙ୍ଗେ ସଙ୍ଗେ ତାହାସବୁ ସମସ୍ତଙ୍କ ସମ୍ମୁଖରେ ମସଜିଦରେ ବସି ବଂଟନ କରୁଥିଲେ । ଏହା ଅନୁସାରେ କୁହାଯାଇପାରିବ ଯେ ରସୁଲେ କରିମ ସ ଆ ସଙ୍କ ଯୁଗରେ ବୟତୁଲ ମାଲ ବିଭାଗ ବିଦ୍ୟମାନ ଥିଲା। ଅବଶ୍ୟ ହଜରତ ଅବୁ ବକର ର ଅଙ୍କ ଖିଲାଫତ କାଳରେ ବିଜୟର ଧାରା ଲାଗିରହିବା ଯୋଗୁଁ ଆୟର ଅନ୍ୟ ମାଧ୍ୟମ ବ୍ୟତୀତ ମାଲେ ଗନିମତ ଏବଂ ଜିଜିୟାର ଆୟ ବହୁ ଗୁଣାରେ ଆସିବା ଆରମ୍ଭ ହୋଇଗଲା । ଅର୍ଥାତ ସେଥିରେ ବୃଦ୍ଧି ଘଟିଲା । ତେଣୁ ହଜରତ ଅବୁ ବକର ର ଅ ଗୋଟିଏ ବୟତୁଲ ମାଲ (ଅର୍ଥାତ ଏକ କୋଷାଗାର) ର ଆବଶ୍ୟକତା ଅନୁଭବ କଲେ,ଯଦ୍ୱାରା ବଂଟନ ଏବଂ ଖର୍ଚ୍ଚ ହେବା ପର୍ଯ୍ୟନ୍ତ ଧନସମ୍ପତିକୁ ସେଠାରେ ରଖାଯାଇ ପାରିବ । ସୁତରାଂ ସେ ବଡ଼ ବଡ଼ ସାହାବାଙ୍କ ପରାମର୍ଶରେ ଗୋଟିଏ ଗୃହ ଏହି ଉଦ୍ଦେଶ୍ୟ ପାଇଁ ଧାର୍ଯ୍ୟ କରି ରଖିଲେ । କିନ୍ତୁ ଏହି ବୟତୁଲ ମାଲ (ଅର୍ଥାତ କୋଷାଗାର) କେବଳ ନାମ ମାତ୍ର ରହିଆସିଲା । କାରଣ ହଜରତ ଅବୁ ବକର ର ଅ ଙ୍କର ସବୁବେଳେ ଏହି ଚେଷ୍ଟା ଥିଲା ଯେ, ନଗଦ ଅର୍ଥ ହେଉ ବା ଜିନିଷ ହେଉ,ତାହା ଆସିବା ମାତ୍ରେ ହିଁ ସେ ବଂଟନ କରିଦେଉଥିଲେ।

କିଛି ରିୱାୟତ ଅନୁଯାୟୀ ଅର୍ଥ ବିଭାଗର ଦାୟିତ୍ୱ ହଜରତ ଅବୁ ଉବୈଦାଃ ର ଅଙ୍କୁ ଦିଆଯାଇଥିଲା । ***(ଅଶରାଃ ମୁବଶରାଃ ଅଜ ବଶିର ସାଜିଦ, ପୃ-୧୮୧,ଅଲବଦର ପବ୍ଲିଶର୍ସ ଲାହୋର ୨୦୦୦)***

ଆରମ୍ଭରେ ହଜରତ ଅବୁ ବକର ର ଅ ୱାଦି ସୁନହ୍ (ଅର୍ଥାତ ସୁନହ ନାମକ ଉପତ୍ୟକା) ରେ ନିର୍ମାଣ କରିଥିଲେ । ସେଥି ସକାଶେ କୌଣସି ଆରକ୍ଷୀ ନିଯୁକ୍ତ ହୋଇନଥିଲେ । ମଦଜିଦ ନବୱିଠାରୁ ପ୍ରାୟ ଦୁଇ ମାଇଲ ଦୂରତାରେ ମଦିନା ଉପକଣ୍ଠରେ ସୁନାହ ଅବସ୍ଥିତ ଥିଲା । ଏକଦା କେହି ଜଣେ ପଚାରିଲେ ଯେ ଆପଣ ବୟତୁଲ ମାଲର ସୁରକ୍ଷା ପାଇଁ କୌଣସି ଆରକ୍ଷୀ କାହିଁକି ନିଯୁକ୍ତ କରୁନାହାନ୍ତି ? ମହାଭାଗ ର ଅ ଏହାର ଉତରରେ କହିଲେ ଯେ ତାହାର ସୁରକ୍ଷା ପାଇଁ ଗୋଟିଏ ତାଲା ଯଥେଷ୍ଟ । କାରଣ ଯାହା କିଛି ବି ବୟତୁଲ ମାଲରେ ଜମା ହେଉଥିଲା,ହଜରତ ଅବୁ ବକର ର ଅ ତାହାକୁ ବାଂଟି ଦେଉଥିଲେ । ଅଧିକାଂଶ ସମୟ ତାହା ଖାଲି ହିଁ ରହୁଥିଲା । ଏପରିକି ବେଳେବେଳେ ସମ୍ପୂର୍ଣ୍ଣ ରୂପେ ଖାଲି ରହୁଥିଲା । ପୁଣି ଯେବେ ଆପଣ ର ଅ ମଦିନାକୁ ଚାଲିଗଲେ,ରାଜକୋଷକୁ ନିଜ ଘରକୁ ନେଇଗଲେ । ତାଙ୍କର ପଦ୍ଧତି ଏହା ଥିଲା ଯେ ସେ ସେହି ରାଜକୋଷରେ ଥିବା ସମ୍ପତିକୁ ଖାଲି ହେବାପର୍ଯ୍ୟନ୍ତ ବାଂଟି ଚାଲୁଥିଲେ ଏବଂ ସମସ୍ତଙ୍କୁ ସମାନ ଭାବରେ ବାଂଟୁଥିଲେ । ସେହି ଧନରୁ ଆପଣ ର ଅ ଓଟ , ଘୋଡ଼ା , ଅସ୍ତ୍ରଶସ୍ତ୍ର କିଣି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦେଉଥିଲେ । ଥରେ ସେ ବେଦୁଇନ ମାନଙ୍କଠାରୁ ଚାଦର କିଣି ମଦିନାର ବେୱା(ବିଧବା)ମାନଙ୍କ ମଧ୍ୟରେ ବଂଟନ କରିଥିଲେ । ***(ତାରିଖୁଲ ଖୋଲଫାଆ ଅଜ ଅଲ୍ଲାମା ସିୟୁତି , ପୃ-୬୩-୬୪ ,ଦାରୁଲ କୁତୁବୁଲ ଅରବୀ ବେରୁତ ୧୯୯୯)(ଫରହଙ୍ଗ ସିରତ, ପୃ-୧୫୭, ଜୱାର ଏକାଡ଼େମୀ କରାଚି)*** ଏହିପରି ବଂଟନ ଆପଣ ର ଅ ଅନେକ ଥର କରିଥିବେ କିନ୍ତୁ ସେ ଯାହା ବି ହେଉ ରିୱାୟତରେ ଏହା ମାତ୍ର ଥରେ ବୋଲି ରେକର୍ଡ଼ କରାଯାଇଛି ।

ହଜରତ ଅବୁ ବକର ର ଅ ଙ୍କ ପାଇଁ ବୟତୁଲ ମାଲରୁ ୱଜିଫା (ଭତା) ନିର୍ଦ୍ଧାରଣ କରାଯିବା ବିଷୟରେ ଉଲ୍ଲେଖ ରହିଛି ଯେ ଯେବେ ହଜରତ ଅବୁ ବକର ଖଲିଫା ହେଲେ ନିର୍ବାଚିତ ହେଲେ,ତାଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ମଧ୍ୟ ବୟତୁଲ ମାଲରୁ ହିଁ ୱଜିଫାର ବ୍ୟବସ୍ଥା କରାଯାଇଥିଲା । ହଜରତ ଆଇଶା ର ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ହଜରତ ଅବୁ ବକର ସଦ୍ଦିକ ର ଅ ଖଲିଫା ହେଲେ,ସେ କହିଲେ ଯେ ମୋ କୌମର ଲୋକମାନେ ଏକଥା ଜାଣନ୍ତି ଯେ ମୋର ବୃତି ଏହା ନଥିଲା,ଯଦ୍ୱାରା ମୁଁ ମୋ ପରିବାରର ଭରଣ ପୋଷଣ କରିପାରିବି ନାହିଁ । ମୋ ଆମଦାନି ଏତେ ଥିଲା ଯେ ମୁଁ ଆରାମରେ ମୋ ଘର ଚଳାଉଥିଲି । କିନ୍ତୁ ଏବେ ମୁଁ ମୁସଲମାନମାନଙ୍କ କାମରେ ନିୟୋଜିତ ରହିଛି । ତେଣୁ ଏବେ ଅବୁ ବକରଙ୍କ ପରିବାର ବୟତୁଲ ମାଲରୁ ଖାଇବେ । ଏବଂ ସେ ଅର୍ଥାତ ଅବୁ ବକର ର ଅ ମୁସଲମାନମାନଙ୍କ ପାଇଁ ସେହି ଧନ ସାହାଯ୍ୟରେ ବ୍ୟବସାୟ କରିବେ ଏବଂ ସେହି ବାଣିଜ୍ୟ ଦ୍ୱାରା ସେମାନଙ୍କର ସମ୍ପତିକୁ ବୃଦ୍ଧି କରିଚାଲିବେ । ***(ସହି ବୁଖାରୀ, କିତାବୁଲ ବୁୟୁ, ବାବ କସବର ରୁଜୁଲ ୱ ଅମଲହୁ ବିୟଦିହି, ହଦିସ ନଂ-୨୦୭୦)***

ଅତେବ ମୁସଲମାନମାନେ ହଜରତ ଅବୁ ବକର ର ଅଙ୍କ ପାଇଁ ବାର୍ଷିକ ଛଅ ହଜାର ଦିରହମ୍ ଟଙ୍କା ନିର୍ଦ୍ଧାରଣ କରିଦେଲେ । କେତେକ କୁହନ୍ତି ଯେ ହଜରତ ଅବୁ ବକର ର ଅ କେବଳ ସେତିକି ଟଙ୍କା ନିଜର ଆବଶ୍ୟକତା ପାଇଁ ନିର୍ଦ୍ଧାରଣ କରିଥିଲେ ଯେତିକି ନିଜ ପାଇଁ ଯଥେଷ୍ଟ । ହଜରତ ଅବୁ ବକର ର ଅ ପ୍ରଥମେ ୱଲି ଥିଲେ, ଅର୍ଥାତ ହୁକୁମତର ମୁଖ୍ୟ ଥିଲେ,ଏବଂ ସେହି ହୁକୁମତର ପ୍ରଜାମାନେ ହିଁ ତାଙ୍କ ପାଇଁ ଖର୍ଚ୍ଚ ଅନୁମୋଦନ କରିଥିଲେ । (ଅଲକାମିଲ ଫିତ ତାରିଖ ଲେ ଇବନେ ଅସିର, ଖ-୦୨, ପୃ-୨୭, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)

ଆଉ ଏକ ରିୱୟତରେ ଏପରି ଉଲ୍ଲେଖ ରହିଛି ଯେ ଯେବେ ହଜରତ ଅବୁ ବକର ର ଅ ଖଲିଫା ହେଲେ,ଦିନେ ସକାଳେ ସେ ବଜାର ଆଡ଼କୁ ଯାଉଥିଲେ । ତାଙ୍କ କାନ୍ଧରେ ସେହି କପଡ଼ା ସବୁ ଥିଲା,ଯାହାର ବାଣିଜ୍ୟ ବେପାର ସେ ପୂର୍ବରୁ କରିଆସୁଥିଲେ । ତାଙ୍କୁ ହଜରତ ଉମର ବିନ ଖତାବ ର ଅ ଏବଂ ହଜରତ ଅବୁ ଉବୈଦାଃ ବିନ ଜରାହ ର ଅ ଭେଟିଲେ । ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲଙ୍କ ଖଲିଫା ! କୁଆଡ଼େ ବାହାରିଲେ ? ହଜରତ ଅବୁ ବକର ର ଅ କହିଲେ ଯେ ମୁଁ ବଜାରକୁ ଯାଉଛି । ସେମାନେ କହିଲେ ଆପଣ ଏ କ'ଣ କରୁଛନ୍ତି । ଆପଣ ତ ମୁସଲମାନମାନଙ୍କର ଏତେ ବଡ଼ ଦାୟିତ୍ୱ ତୁଲାଉଛନ୍ତି । ଏଥିରେ ହଜରତ ଅବୁ ବକର ର ଅ କହିଲେ ଯେ ତା'ହେଲେ ମୁଁ ମୋ ପରିବାରର ଭରଣ ପୋଷଣ କେମିତି କରିବି । ସେମାନେ ହଜରତ ଅବୁ ବକର ର ଅଙ୍କୁ ସାଙ୍ଗରେ ଧରି ଏ କଥା କହି ନେଇଗଲେ ଯେ ଆମେ ଆପଣଙ୍କର ଅଂଶ/ଭାଗ ଧାର୍ଯ୍ୟ କରିବୁ । ***(ତବକାତୁଲ କୁବରା, ଖ-୦୩, ପୃ-***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

***୧୩୭, ଅବୁ ବକର ଅସସିଦ୍ଦିକ, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨ )***

ଅତେବ ତାଙ୍କ ପାଇଁ ଷ୍ଟାଇପେଣ୍ଡ ଆକାରରେ ବାର୍ଷିକ ତିନି ହଜାର ଦିରହମ ନିର୍ଦ୍ଧାରଣ କରାଗଲା । ଆଉ କିଛି ରିୱାୟତରେ ଆସିଛି ଯେ ଛଅ ହଜାର ଦିରହମ । ଯେପରିକି ପୂର୍ବରୁ ଏକଥା ବର୍ଣ୍ଣନା ସରିଛି ଯେ ତାଙ୍କ ପାଇଁ ୱଜିଫା (ଷ୍ଟାଇପେଣ୍ଡ) ନିର୍ଦ୍ଧାରଣ ହେଲା । ଆଉ କିଛି ରିୱାୟତ ମୁତାବକ ସମଗ୍ର ଖିଲାଫତ ସମୟରେ ତାଙ୍କୁ ଛଅ ହଜାର ଦିରହମ ଦିଆଯାଇଥିଲା । ସେହିପରି ସିରତ (ଅର୍ଥାତ ଜୀବନୀ) ପୁସ୍ତକ ଗୁଡ଼ିକରେ ପ୍ରାୟ ସର୍ବସମ୍ମତି କ୍ରମେ ଏହା ଦେଖିବାକୁ ମିଳିଥାଏ ଯେ ଯଦିଓ ହଜରତ ଅବୁ ବକର ର ଅ ବୟତୁଲ ମାଲରୁ ନିଜ ପାଇଁ ଏବଂ ନିଜ ପରିବାରର ଆବଶ୍ୟକତାକୁ ପୂରଣ କରିବା ପାଇଁ ୱଜିଫା (ଷ୍ଟାଇପେଣ୍ଡ) ନେଇଥିଲେ କିନ୍ତୁ ତାଙ୍କ ଦେହାନ୍ତ ସମୟରେ ସେ ସମସ୍ତ ଅର୍ଥରାଶିକୁ ଫେରସ୍ତ କରିଦେଇଥିଲେ । ଅତେବ ଗୋଟିଏ ରିୱାୟତ ମୁତାବକ ଯେବେ ତାଙ୍କର ମୃତ୍ୟୁ ସମୟ ପାଖେଇ ଆସିଲା,ସେତେବେଳେ ସେ ୱସିୟତ (Will) କରିଲେ ଯେ ତାଙ୍କ ଜମିକୁ ବିକ୍ରି କରି, ସେଥିରୁ ମିଳିବା ଧନରାଶିକୁ ବୟତୁଲ ମାଲରୁ ତାଙ୍କ ନିଜ ପାଇଁ ଖର୍ଚ୍ଚକରାଯାଇଥିବା ସମସ୍ତ ଅର୍ଥରାଶିକୁ ପଇଠ କରିଦିଆଯାଉ । ***(ଅଲକାମିଲ ଫିତ ତାରିଖ ଲେଇବନେ ଅସିର, ଖ-୦୨,ପୃ-୨୭୨, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)***

ଆଉ ଏକ ରିୱାୟତରେ ଏହା ଆସିଛି ଯେ ଯେବେ ହଜରତ ଅବୁ ବକର ର ଅଙ୍କ ଦେହାନ୍ତର ସମୟ ପାଖେଇ ଆସିଲା,ସେତେବେଳେ ସେ ହଜରତ ଆଇଶା ର ଅଙ୍କୁ କହିଲେ ଯେ ଯେବେଠାରୁ ମୁଁ ଖଲିଫା ହୋଇଛି ମୁଁ କୌମର କୌଣସି ଦିନାର ବା ଦିରହମ ଖାଇନାହିଁ । ବରଂ ମାମୁଲି (ସାଧାରଣ) ଖାଦ୍ୟ ଏବଂ ମୋଟା ଖଦର କପଡ଼ା ପିନ୍ଧୁଥିଲି । ସେହିପରି ମୁସଲମାନମାନଙ୍କ ମାଲେ ଗନିମତରୁ କେବଳ ଏହି ସବୁ ଜିନିଷଗୁଡ଼ିକ ; ଗୁଲାମ,ଓଟ ଏବଂ ଚଦର । ତେଣୁ ମୋ ମୃତ୍ୟୁ ପରେ ଏହି ସମସ୍ତ ଜିନିଷଗୁଡ଼ିକୁ ଉମରଙ୍କ ନିକଟକୁ ପଠାଇଦେବ । ହଜରତ ଆଇଶା ର ଅ କୁହନ୍ତି : ଯେବେ ତାଙ୍କର ଦେହାନ୍ତ ହେଲା,ମୁଁ ସେହି ଜିନିଷଗୁଡ଼ିକୁ ହଜରତ ଉମର ର ଅଙ୍କ ନିକଟକୁ ପ୍ରେରଣ କରିଦେଲି । ହଜରତ ଉମର ର ଅ ସେହି ଜିନିଷଗୁଡ଼ିକୁ ଦେଖି କାନ୍ଦିବାକୁ ଲାଗିଲେ । ଏପରିକି ତାଙ୍କର ଲୁହ ଭୂଇଁ ଉପରେ ପଡ଼ିବାକୁ ଲାଗିଲା । ପୁଣି ହଜରତ ଉମର ର ଅ ଏହି ଗୋଟିଏ କଥା କହିଚାଲିଲେ ଯେ ଅଲ୍ଲାଃ ଅବୁ ବକର ର ଅଙ୍କ ଉପରେ ଦୟା କରନ୍ତୁ । ସେ ତାଙ୍କ ଉତରାଧିକାରୀମାନଙ୍କୁ ଅସୁବିଧାରେ ପକାଇଦେଇଛନ୍ତି । ***(ଅଲକାମିଲ ଫିତ ତାରିଖ ଲେଇବନେ ଅସିର, ଖ-୦୨,ପୃ-୨୭୧, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୬)***

ଯେବେ ହଜରତ ଅବୁ ବକର ର ଅ ଙ୍କର ଦେହାନ୍ତ ହେଲା,ହଜରତ ଉମର ର ଅ କିଛି ସାହାବାଙ୍କୁ ଡ଼କାଇ ବୟତୁଲ ମାଲର ଯାଂଚ କଲେ ,ଏବଂ ସେଥିରେ କିଛି ପାଇଲେ ନାହିଁ । ନା ଦିରହମ ନା ଦିନାର । ***(ତାରିଖୁଲ ଖୋଲଫାଆ ଅଜ ଅଲ୍ଲାମା ସିୟୁତି , ପୃ-୬୪, ଦାରୁଲ କୁତୁବୁଲ ଅରବୀ ବେରୁତ ୧୯୯୯)*** ସେଠାରେ କିଛି ବି ନଥିଲା । ଖାଲି ଥିଲା । ସବୁ କିଛି ବଂଟା ସରିଥିଲା ।

ହଜରତ ଅବୁ ବକର ର ଅ ମୋହକମା କଜା (ନ୍ୟାୟ ବିଭାଗ)କୁ ବି ଜାରି କରିଥିଲେ । ହଜରତ ଅବୁ ବକର ର ଅଙ୍କ ସମୟରେ ଯଦିଓ ମୋହକମା କଜାକୁ ଆନୁଷ୍ଠାନିକ ଭାବରେ ସଂଗଠିତ କରାଯାଇନଥିଲା,କିନ୍ତୁ ସେ ନ୍ୟାୟ ବିଭାଗର ଦାୟିତ୍ୱ ହଜରତ ଉମର ର ଅଙ୍କଠାରେ ନ୍ୟସ୍ତ କରିଥିଲେ । ***(ସୟଦନା ସିଦ୍ଦିକ ଅକବର ଅଜ ଅବୁଲ ନସର, ମୁତରଜିମ ପୃ-୬୯୯)***

ଗୋଟିଏ ରିୱାୟତରେ ବର୍ଣ୍ଣିତ ଅଛି ଯେ ଯେବେ ହଜରତ ଅବୁ ବକର ର ଅ ଖଲିଫା ହେଲେ,ହଜରତ ଉମର ର ଅ କହିଲେ: ମୁଁ ଆପଣଙ୍କ ତରଫରୁ ଅଦାଲତର କାର୍ଯ୍ୟକୁ ତୁଲାଇବି । ହଜରତ ଉମର ର ଅ ଏକ ବର୍ଷ ପର୍ଯ୍ୟନ୍ତ ଅପେକ୍ଷାରେ ରହିଲେ କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଦୁଇଜଣ ବି ତାଙ୍କ ନିକଟକୁ କଳିକଜିଆ (ଅର୍ଥାତ କୌଣସି ମାମଲା) ନେଇ ଆସିନଥିଲେ । ***(ତାରିଖେ ତବରୀ, ଖ-୦୨, ପୃ-୩୫୧, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)***

କୌଣସି ଲଢେଇ ଝଗଡ଼ା ହୁଏନାହିଁ । କୌଣସି ସମସ୍ୟା ଉପୁଜିନାହିଁ । ମାମଲା ସଂଖ୍ୟା ବହୁତ କମ ଥିଲା । ଯଦି କୌଣସି ମାମଲା ଆସି ବି ଯାଉଥିଲା,ତା'ହେଲେ ହଜରତ ଅବୁ ବକର ର ଅ ନିଜେ ସେହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସମୟ ବାହାର କରି ସେଗୁଡ଼ିକୁ ସାମାଧାନ କରିଦେଉଥିଲେ । ନ୍ୟାୟ ବିଭାଗର ମୁଖ୍ୟ ହଜରତ ଉମର ର ଅ ଥିଲେ,ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ନିମ୍ନ ଲିଖିତ ସାହାବାମାନେ ନିଯୁକ୍ତ ହୋଇଥିଲେ । ହଜରତ ଅଲୀ ର ଅ,ହଜରତ ମାଆଜ ବିନ ଜବଲ ର ଅ, ହଜରତ ଅବି ବିନ କାଆବ ର ଅ, ହଜରତ ଜୈଦ୍ ବିନ ସାବିତ ର ଅ ଏବଂ ହଜରତ ଅବ୍ଦୁଲ୍ଲାଃ ବିନ ମସଉଦ ର ଅ ***(ସୟଦନା ସିଦ୍ଦିକ ଅକବର ର ଅ ଅଜ ଅବୁଲ ନସର, ମୁତରଜିମ ପୃ-୬୯୯-୭୦୦)***

ହଜରତ ଉମର ର ଅ ବର୍ଣ୍ଣନା କରିଛନ୍ତି ଯେ ସେ ସମୟରେ ଏପରି ଶାନ୍ତି ଏବଂ ସଚ୍ଚୋଟତାର ଅବସ୍ଥା ଥିଲା ଯେ ମାସ ମାସ ଅତିବାହିତ ହୋଇଯାଉଥିଲେ ବି ଦୁଇଜଣ ଲୋକ ସେମାନଙ୍କର କୌଣସି ମାମଲାର ସମାଧାନ/ନିଷ୍ପତି କରାଇବା ପାଇଁ ମୋ ନିକଟକୁ ଆସୁନଥିଲେ । ***(ତବକାତୁଲ କୁବରା, ଖ-୦୩, ପୃ-୧୩୭, ଅବୁ ବକର ଅସସିଦ୍ଦିକ, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨ )***

ମହକମା ଇଫତାଅ (ଅର୍ଥାତ ଫତୱା ଦେବା) ବିଭାଗ ବିଷୟରେ ଉଲ୍ଲେଖ ରହିଛି ଯେ ସେତେବେଳେ ନୂଆ ନୂଆ କବିଲା (ଜନଜାତି)ଏବଂ ସମ୍ପ୍ରଦାୟଗୁଡ଼ିକ ଇସଲାମର ପରିଧି ମଧ୍ୟରେ ପ୍ରବେଶ କରୁଥିଲେ । ପରିସ୍ଥିତିକୁ ଦୃଷ୍ଟି ଆଗରେ ରଖି କିଛି ନୂଆ ଫକିହ୍ (ବିଧିବିଧାନ ସମ୍ପର୍କୀୟ) ସମସ୍ୟା ଉପୁଜିଥିଲା । ତେଣୁ ହଜରତ ଅବୁ ବକର ର ଅ ସାଧାରଣ ମୁସଲମାନମାନଙ୍କ ସୁବିଧା ତଥା ମାର୍ଗଦର୍ଶନ ପାଇଁ ମୋହକମା ଇଫତାଅ (ଫତୱା) ବିଭାଗ ପ୍ରତିଷ୍ଠା କରିଥିଲେ । ଫତୱା ଦେବା ପାଇଁ ହଜରତ ଉମର ର ଅ,ହଜରତ ଉସମାନ ର ଅ,ହଜରତ ଅଲୀ ର ଅ, ହଜରତ ଅବ୍ଦୁର ରହମାନ ବିନ ଔଫ୍ ର ଅ, ହଜରତ ଅବି ବିନ କାଆବ ର ଅ, ହଜରତ ମାଆଜ ବିନ ଜବଲ ର ଅ ଏବଂ ହଜରତ ଜୈଦ ବିନ ସାବିତ ର ଅଙ୍କୁ ଫତୱା ଦେବାପାଇଁ ନିଯୁକ୍ତ କରାଯାଇଥିଲା । କାରଣ ଏହି ଭଦ୍ରଲୋକମାନେ ତଫକ୍କୁ ଫିଦ୍ଦୀନ (ଧର୍ମଜ୍ଞାନ) ରେ ଏବଂ ବୌଦ୍ଧିକ ବ୍ୟବହାର ଦୃଷ୍ଟି କୋଣରୁ ଅନ୍ୟ ଲୋକମାନଙ୍କ ଅପେକ୍ଷା ସ୍ୱତନ୍ତ୍ର ଥିଲେ । ଗୋଟିଏ ରିୱାୟତ ମୁତାବକ ହଜରତ ଅବ୍ଦୁଲ୍ଲାଃ ବିନ ମସଉଦ ର ଅ ମଧ୍ୟ ଫତୱା ଦେଉଥିବା ସେହି ଲୋକମାନଙ୍କ ମଧ୍ୟରେ ସାମିଲ ଥିଲେ । ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଫତୱା ଦେବାପାଇଁ ଅନୁମତି ନଥିଲା । ***(ଅଶରାଃ ମୁବଶରାଃ ଅଜ ବଶିର ସାଜିଦ, ପୃ-୧୮୨,ଅଲବଦର ପବ୍ଲିଶର୍ସ ଲାହୋର ୨୦୦୦) (ସୟଦନା ସିଦ୍ଦିକ ଅକବର ର ଅ ଅଜ ଅବୁଲ ନସର, ମୁତରଜିମ ପୃ-୭୦୦)***

ଜଣେ ଐତିହାସିକ ଲେଖିଛନ୍ତି ଯେ କିତାବତ (ଅର୍ଥାତ ଲେଖାଗାର) ର ଯେଉଁ ବିଭାଗ ଥିଲା,ସେ ସମ୍ବନ୍ଧରେ ଲେଖିବା ଲୋକ ଲେଖିଛନ୍ତି ଯେ ଆଧୁନିକ ଯୁଗର ପରିଭାଷାରେ କାତିବଙ୍କୁ ସରକାରଙ୍କ ସଚିବ କହିବ ଉଚିତ । ଅର୍ଥାତ ସେକ୍ରେଟାରୀ ଯିଏ ନୋଟିସ ନେଇଥାନ୍ତି । ମିଟିଂଗୁଡ଼ିକରେ ମିନ୍ୟୁଟସ (Minutes) ଶୁଣାଇଥାନ୍ତି । ହଜରତ ଅବୁ ବକର ର ଅ ଙ୍କ ଖିଲାଫତ ଯୁଗରେ ଏହି ଶାସନ ବ୍ୟବସ୍ଥା ସ୍ଥାପନ ହୋଇନଥିଲା । କିନ୍ତୁ ସରକାରୀ ଆଦେଶ / ନ ି ୟ ନ । ବ ଳ ୀ ଗ ୁ ଡ଼ ି କ ର ଲେଖାକାର୍ଯ୍ୟ,ଚୁକ୍ତିନାମାଗୁଡ଼ିକର ଲେଖା ଏବଂ ଅନ୍ୟ ଲେଖାଲେଖି ଇତ୍ୟାଦି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ କିଛି ଲୋକଙ୍କୁ ବିଶେଷ ଭାବରେ ନିୟୋଜିତ କରାଯାଇଥିଲା । କିତାବତ କାର୍ଯ୍ୟସେବା ପାଇଁ ହଜରତ ଅବ୍ଦୁଲ୍ଲାଃ ବିନ ଅରକମ ର ଅ ନବି କରିମ ସ ଆ ସଙ୍କ ସମୟରୁ ହିଁ କରିଆସୁଥିଲେ । ***(ଅସସିଦ୍ଦିକ ର ଅ ଅଜ ପ୍ରଫେସର ଅଲୀ ମୁହସିନ ସିଦ୍ଦିକୀ,ପୃ-୧୯୪, କିରତାସ କରାଚି ୨୦୦୨)***

ଗୋଟିଏ ରିୱାୟତ ମୁତାବକ ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ହଜରତ ଜୈଦ୍ ବିନ ସାବିତ ର ଅ ମୋହକମା କିତାବତ (ଅଭିଲେଖାଗାର) କାର୍ଯ୍ୟକୁ ସମ୍ଭାଳି ଥିଲେ ଏବଂ ବେଳେ ବେଳେ ତାଙ୍କ ନିକଟରେ ଉପଲବ୍ଧ ଥିବା ଅନ୍ୟ ସାହାବାମାନେ,ଉଦାହରଣ ସ୍ୱରୂପ ହଜରତ ଅଲୀ ର ଅ ବା ହଜରତ ଉସମାନ ର ଅ ଏହି ଦାୟିତ୍ୱକୁ ତୁଲାଉଥିଲେ । ***(ଅବୁ ବକର ସିଦ୍ଦିକ ର ଅ ଅଜ ଡ଼ାଃ ଅଲୀ ମୁହମ୍ମଦ ସଲାବୀ ର ଅ ପୃ-୧୬୨ ପ୍ରକାଶିତ ଦାର ଇବନ କସିର ସମସ୍କ ବେରୁତ ୨୦୦୩)***

ପୁଣି ସେନାବିଭାଗ ରହିଛି । ସେ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅଙ୍କ ଖଲାଫତ ସମୟରେ କୌଣସି ଆନୁଷ୍ଠାନିକ ଭାବରେ ସାମରିକ ବ୍ୟବସ୍ଥା ନଥିଲା । ଜିହାଦ କରିବା ସମୟରେ ପ୍ରତ୍ୟେକ ମୁସଲମାନ ମୁଜାହିଦ ହେଉଥିଲା । ସେନାର ବିଭାଜନ କବିଲାଗୁଡ଼ିକ ଅନୁଯାୟୀ ହେଉଥିଲା । ପ୍ରତ୍ୟେକ କବିଲାର ଅମୀର ଅଲଗା ଅଲଗା ଥିଲେ । ସେ ସମସ୍ତଙ୍କ ଉପରେ ଅମୀରୁଲ ଉମରାଆ (ଅର୍ଥାତ ସମସ୍ତ ଅମୀରମାନଙ୍କର ଅମୀର) ପୋଷ୍ଟ ଥିଲା । ଏହା ହଜରତ ଅବୁ ବକର ର ଅଙ୍କର ଉଦ୍ଭାବନ ଥିଲା । ***(ସୟଦନ ସିଦ୍ଦିକ ଅକବର ର ଅ ଅଜ ଅବୁଲ ନସର ମୁତରଜିମ ପୃ-୭୦୧)***

ହଜରତ ଅବୁ ବକର ର ଅ ଯୁଦ୍ଧସାମଗ୍ରୀ ଯୋଗାଣ ପାଇଁ ଏମିତି ବ୍ୟବସ୍ଥା କରିଥିଲେ ଯେ ବିଭିନ୍ନ ଉତ୍ସରୁ ଯେଉଁ ସମସ୍ତ ଆୟ ହେଉଥିଲା,ସେଥିରୁ ଗୋଟିଏ ଯୁକ୍ତିଯୁକ୍ତ ଅଂଶ ସାମରିକ ଖର୍ଚ୍ଚ ପାଇଁ ପୃଥକ ଭାବରେ ବାହାର କରି ରଖିଦେଉଥିଲେ । ସେଥିରୁ ଅସ୍ତ୍ରଶସ୍ତ୍ର ଏବଂ ଭାର ଉଠାଇବା ପାଇଁ ପଶୁମାନଙ୍କୁ କିଣାଯାଉଥିଲା । ପୁଣି ଆଗକୁ ଆସୁଥିବା ଜିହାଦ ନିମନ୍ତେ ଓଟ ଏବଂ ଘୋଡ଼ା ଗୁଡ଼ିକର ପାଳନ ପୋଷଣ ପାଇଁ କିଛି ଚାରଣ ଭୂଇଁକୁ ସଂରକ୍ଷିତ କରାଯାଉଥିଲା । ***(କମାଣ୍ଡର ସାହାବାଃ ଅଜ ଅଲାମାଃ ମୁହମ୍ମଦ ଶୋଏବ ଚିଶତି, ପୃ-୮୭-୮୮,ମୁମତାଜ ଏକାଡ଼େମୀ ଉର୍ଦ୍ଦୁ ବାଜାର ଲାହୋର),***

ଜଣେ ଜୀବନୀ ଲେଖକ ଲେଖିଛନ୍ତି ଯେ ହଜରତ ଅବୁବକର ର ଅ ଙ୍କ ସାମରିକ ବ୍ୟବସ୍ଥା ସେହି ବେଦୁଇନମାନଙ୍କ ଶୈଳୀର ଅଧିକ ନିକଟତର ଥିଲା ଯାହା ରସୁଲେ କରିମ ସ ଆ ସ ଙ୍କ ସମୟ ପୂର୍ବରୁ ଆରବ ଜନଜାତିମାନଙ୍କରେ ପ୍ରଚଳିତ ଥିଲା । ସେତେବେଳେ ଆନୁଷ୍ଠାନିକ ଭାବରେ ହୁକୁମତ (ପ୍ରଶାସନ) ନିକଟରେ ସାମରିକ ବ୍ୟବସ୍ଥାର କୌଣସି ପ୍ରକାରର ନୀତି ନିୟମ ନଥିଲା । ବରଂ ପ୍ରତ୍ୟେକ ବ୍ୟକ୍ତି ନିଜ ଶୈଳୀରେ ଯୁଦ୍ଧ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିଜକୁ ଉତ୍ସର୍ଗ କରୁଥିଲା । ଯେବେ ଯୁଦ୍ଧ ଘୋଷଣା ହୋଇଯାଉଥିଲା,କବିଲାଗୁଡ଼ିକର ଲୋକମାନେ ଅସ୍ତ୍ରଶସ୍ତ୍ର ଧରି ବାହାର ପଡୁଥିଲେ ଓ ଶତୃଆଡ଼କୁ ଅଭିଯାନ ଆରମ୍ଭ କରିଦେଉଥିଲେ । କବିଲା (ଜନଜାତି)ର ଲୋକମାନେ ଜିନିଷ ଯୋଗାଣ ଏବଂ ଅସ୍ତ୍ରଶସ୍ତ୍ର ପାଇଁ କେନ୍ଦ୍ର ପ୍ରଶାସନକୁ ଚାହୁଁନଥିଲେ । ବରଂ ନିଜେ ହିଁ ଏହି ଜିନିଷଗୁଡ଼ିକର ବ୍ୟବସ୍ଥା ନିଜେ କରୁଥିଲେ । ସରକାରଙ୍କ ତରଫରୁ ସେମାନଙ୍କୁ କୌଣସି ବେତନ ବି ଦିଆଯାଉନଥିଲା । ବରଂ ସେମାନେ ମାଲେ ଗନିମତ (ଅର୍ଥାତ ଯୁଦ୍ଧରେ ଜିଣା ଯାଉଥିବା ଧନ ସମ୍ପତି) କୁ ନିଜ ସେବାର ପ୍ରତିଫଳ ଭାବରେ ଜାଣୁଥିଲେ । ଯୁଦ୍ଧ କ୍ଷେତ୍ରରେ

ଯେଉଁ ମାଲେ ଗନିମତ ପ୍ରାପ୍ତ ହେଉଥିଲା ତାହାର ୪/୫ (ଚାରି ପଂଚମାଂଶ) ଯୁଦ୍ଧରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ବଂଟନ କରିଦିଆ ଯାଉଥିଲା ଏବଂ ପଂଚମାଂଶ ଖଲିଫାଙ୍କ ସେବାରେ ଦାରୁଲ ହୁକୁମତ (ପ୍ରଶାସନର କେନ୍ଦ୍ର ସ୍ଥଳୀ) କୁ ପ୍ରେରଣ କରିଦିଆଯାଉଥିଲା । ଯାହାକୁ ସେ ବୟତୁଲ ମାଲ (ରାଜକୋଷ) ରେ ଜମା କରିଦେଉଥିଲେ । ଖୁମୁସ ( ପଂଚମାଂଶ) ଜରିଆରେ ରାଜ୍ୟ ସରକାରଙ୍କର ମାମୁଲି ମାମୁଲି ଖର୍ଚ୍ଚ ପୂରଣ କରାଯାଉଥିଲା । ***(ଅବୁ ବକର ସଦ୍ଦିକ ର ଅ ଅଜ ମୁହମ୍ମଦ ହୁସୈନ ହୈକଲ, ମୁତରଜିମ ପୃ-୪୫୬-୪୫୭, ମୁଦ୍ରିତ ଇସଲାମୀ କୁତୁବ ଖାନାଃ ଲାହୋର)***

ଯୁଦ୍ଧରେ ସେନାଧ୍ୟକ୍ଷ ମାନଙ୍କୁ, ଯାହାଙ୍କୁ ଅମୀରୁଲ ଉମରାଆ ଭାବରେ ନିଯୁକ୍ତ କରାଯାଉଥିଲା,ସେମାନଙ୍କୁ ହଜରତ ଅବୁ ବକର ର ଅ ଯୁଦ୍ଧ ବିଷୟରେ ଯେଉଁ ନିର୍ଦ୍ଦେଶ ଦେଉଥିଲେ,ସେ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ଯୁଦ୍ଧ କରିବା ପାଇଁ ଯାଉଥିବା ସେନାଧ୍ୟକ୍ଷ ତଥା ମମାଣ୍ଡରମାନଙ୍କୁ ମଧ୍ୟ ହିଦାୟତ (ମାର୍ଗଦର୍ଶନ) ଦେଉଥିଲେ ।

ହଜରତ ଉସାମା ର ଅ ଙ୍କ ସେନାକୁ ସମ୍ବୋଧନ କରି ହଜରତ ଅବୁ ବକର ସିଦ୍ଦିକ ର ଅ କହିଲେ ଯେ ମୁଁ ତୁମକୁ ଦଶଗୋଟି କଥା ବିଷୟରେ ଉପଦେଶ ଦେଉଅଛି ।

ତୁମେ ଖୟାନତ (ବିଶ୍ୱସଘାତକତା) କରିବ ନାହିଁ କି ମାଲେଗନିମତରୁ ଚୋରି କରିବ ନାହିଁ । ତୁମେ ବ୍ୟଭିଚାର କରିବ ନାହିଁ କି କାହାର ମୁସଲାଃ କରିବ ନାହିଁ (ଅର୍ଥାତ ଶତୃପକ୍ଷର ଯଦି କୋଣସି ଲୋକ ନିହତ ହୋଇଥାଏ ତାହାର ଅଙ୍ଗ ପ୍ରତ୍ୟଙ୍ଗକୁ କାଟିବ ନାହିଁ )। କୌଣସି ଛୋଟ ପିଲାଙ୍କୁ ,କୌଣସି ବୃଦ୍ଧ / ବୃଦ୍ଧାଙ୍କୁ କୌଣସି ମହିଳାଙ୍କୁ ହତ୍ୟା କରିବ ନାହିଁ । ସେହିପରି କୌଣସି ଖଜୁରୀ ଗଛକୁ କାଟିବ ନାହିଁ କି ଜଳାଇବ ନାହିଁ । ସେହିପରି କୌଣସି ଫଳଗଛକୁ କାଟିବ ନାହିଁ । କେବଳ ଖାଇବା ଉଦ୍ଦେଶ୍ୟ ବିନା ଅନ୍ୟ କୌଣସି କାରଣ ପାଇଁ ଗାଇ, ଛେଳି ଏବଂ ଓଟମାନଙ୍କୁ ଜେବହ (ହତ୍ୟା) କରିବ ନାହିଁ । ଯଦି ଆବଶ୍ୟକ ହେବ ତାହେଲେ କରିବ ଅନ୍ୟଥା କରିବ ନାହିଁ । ସେହିପରି ତୁମେମାନେ ଏମିତି କିଛି ଲୋକମାନଙ୍କ ମଧ୍ୟ ଦେଇ ଯିବ,ଯେଉଁମାନେ ନିଜକୁ ଗୀର୍ଜା (ଚର୍ଚ୍ଚ) ପାଇଁ ଉତ୍ସର୍ଗ କରିଥିବେ,ସେମାନଙ୍କୁ ସେମାନଙ୍କ ଅବସ୍ଥାରେ ହିଁ ଛାଡ଼ିଦେବ,ସେମାନଙ୍କୁ କିଛି କହିବ ନାହିଁ । ସେହିପରି ତୁମେ ଏମିତି ଲୋକମାନଙ୍କ ନିକଟରେ ବି ପହଂଚିବ,ଯେଉଁମାନେ ତୁମକୁ ବିଭିନ୍ନ ପ୍ରକାରର ପାତ୍ରରେ ଭିନ୍ନ ଭିନ୍ନ ଖାଦ୍ୟ ପରିବେଷଣ କରିବେ । ତୁମେ ସେହି ସବୁ ଜିନିଷକୁ ଅଲ୍ଲାଃତାଲାଙ୍କ ନାମ ନେଇ ଖାଇବ । ପୁଣି ତୁମକୁ ଏମିତି ଲୋକ ବି ମିଳିବେ ଯେଉଁମାନେ ନିଜ ମୁଣ୍ଡର କେଶକୁ ମୁଣ୍ଡର ମଧ୍ୟଭାଗରୁ ଲଣ୍ଡା କରିଦେଇଥିବେ ଏବଂ ଚାରିପଟେ ପଟି ଭଳି କେଶକୁ ଛାଡ଼ି ରଖିଥିବେ । ସେମାନଙ୍କର ଖବର ତରବାରୀ ଦ୍ୱାରା ନେବ । ଅର୍ଥାତ ସେମାନଙ୍କ ସହିତ ଯୁଦ୍ଧ କରିବ । କାରଣ ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଲୋକମାନଙ୍କୁ ଉସୁକାଇଥାନ୍ତି ଏବଂ ନିଜେ ବି ଏହି ଯୁଦ୍ଧ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ଏବେ ତୁମେ ଅଲ୍ଲାଃଙ୍କ ନାମ ସ୍ମରଣ କରି ଏହି ଅଭିଯାନରେ ବାହାରି ଯାଅ । ଅଲ୍ଲାଃ ତୁମକୁ ପ୍ରତ୍ୟେକ ପ୍ରକାରର ଆଘାତରୁ ଏବଂ ସମସ୍ତ ପ୍ରକାରର ରୋଗ ଓ ମହାମାରୀରୁ ସୁରକ୍ଷିତ ରଖନ୍ତୁ । ***(ତାରିଖୁଲ ତବରୀ ଲେ ଅବି ଜାଫର ମୁହମ୍ମଦ ବିନ ଜରିର ତବରୀ,ଖ-୦୨ ପୃ-୨୪୬,ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୧୨)***

ସେହିପରି ହଜରତ ଅବୁ ବକର ର ଅ ହଜରତ ଯଜିଦ୍ ବିନ ଅବୁ ସୁଫିୟାନ ର ଅ ଙ୍କୁ ସିରିଆରେ ଯୁଦ୍ଧ କରିବାକୁ ପ୍ରେରଣ କରିବା ବେଳେ ଉପଦେଶ ଦେଇ କହିଥିଲେ । ଏ ବିଷୟରେ ମୁଁ ଏହା ପୂର୍ବବର୍ତୀ ଖୁତବା ଯୁମାରେ ଚର୍ଚ୍ଚା କରିସାରିଛି । ଏଠାରେ କିଛି ଗୁରୁତ୍ୱପୂର୍ଣ୍ଣ କଥାର ସାରାଂଶ ପୁନର୍ବାର ବର୍ଣ୍ଣନା କରିଦେଉଛି । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ କଥା । ସ୍ମରଣୀୟ କଥା । ପ୍ରତ୍ୟେକ ଓହଦାଦାରଙ୍କ ପାଇଁ ଏକଥା ମନେରଖିବା ଯୋଗ୍ୟ କଥା । ହଜରତ ଅବୁ ବକର ର ଅ ହଜରତ ଯଜିଦ୍ ବିନ ଅବୁ ସୁଫିୟାନ ର ଅ ଙ୍କୁ କହିଲେ ମୁଁ ତୁମକୁ ପରିକ୍ଷା କରିବାକୁ ଚାହୁଁଛି । ତୁମକୁ ବାହାରକୁ ବାହାର କରି ତୁମର ପ୍ରଶିକ୍ଷଣ କରିବାକୁ ଚାହୁଁଛି । ଯଦି ତୁମେ ନିଜର କର୍ତବ୍ୟକୁ ଭଲଭାବରେ ସମ୍ପାଦନ କରିବ,ତାହେଲେ ତୁମକୁ ପୁନର୍ବାର ତୁମ କାମରେ ନିୟୋଜିତ କରିବି ଏବଂ ତୁମକୁ ଆହୁରି ପ୍ରୋତ୍ସାହିତ କରିବି । କିନ୍ତୁ ଯଦି ତୁମେ ଅବହେଳା ପ୍ରଦର୍ଶନ କର ତାହେଲେ ତୁମକୁ ବରଖାସ୍ତ କରିଦେବି । ଅଲ୍ଲାଃଙ୍କ ତକଓ୍ୱା (ଅର୍ଥାତ ଧର୍ମପରାୟଣ ଭିତିକ ଭୟ) କୁ ଆପଣାଅ । ସେ ତୁମର ଅନ୍ତରାତ୍ମାକୁ ସେହିପରି ଦେଖିଥାନ୍ତି,ଯେମିତି ସେ ତୁମର ବାହ୍ୟକୁ ଦେଖିଥାନ୍ତି । ଲୋକମାନଙ୍କ ମଧ୍ୟରେ ଅଲ୍ଲାଃଙ୍କ ଅଧିକ ନିକଟତର ହେଉଛି ସେହି ବ୍ୟକ୍ତି ଯିଏ ନିଜ କର୍ମ ଦ୍ୱାରା ଅଲ୍ଲାଃଙ୍କ ନିକଟତରତା ହାସଲ କରିଥାଏ । ପୁଣି କହିଲେ : ଅଜ୍ଞାନ ଭାବନାରୁ ବଂଚିବ । ଅଲ୍ଲାଃତାଲାଙ୍କୁ ଏହିସବୁ କଥା ବହୁତ ଅପସନ୍ଦ । ପୁଣି କହିଲେ : ତୁମେ ନିଜ ସେନାର ଲୋକମାନଙ୍କ ସହିତ ଉତମ ବ୍ୟବହାର କରିବ । ସେମାନଙ୍କର ଭଲ ଚାହିଁବ । ଯେବେ ସେମାନଙ୍କୁ ଉପଦେଶ ଦେବ,ସଂକ୍ଷିପ୍ତ କରିବ । କାରଣ ଅତ୍ୟଧିକ କଥାବାର୍ତା ଅନେକ ବିଷୟକୁ ଭୂଲାଇଦିଏ । ତୁମେ ଯଦି ନିଜକୁ ଠିକ ରଖିବ,ତାହେଲେ ଲୋକମାନେ ତୁମ ପାଇଁ ବି ଠିକ ହୋଇଯିବେ । ଲିଡ଼ର ନିଜକୁ ଠିକ ରଖନ୍ତୁ । ଓହଦାଦାରମାନେ ନିଜର ଅବସ୍ଥାକୁ ଯଦି ଠିକ ରଖିବେ ତାହେଲେ ଲୋକମାନେ ସ୍ୱତଃପ୍ରତଃ ଭାବରେ ଠିକ ହୋଇଯାଇଥାନ୍ତି । ନମାଜକୁ ତାର ଧାର୍ଯ୍ୟ ସମୟରେ ରୁକୁ ଏବଂ ସଜଦାଃକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରି ପଢିବ ଅତ୍ୟନ୍ତ ଆବଶ୍ୟକ ।

ପୁଣି କହିଲେ ଯେ ଯେବେ ଶତୃପକ୍ଷର ଆମ୍ବାସଡ଼ର (ଦୂତ) ତୁମ ନିକଟକୁ ଆସନ୍ତି,ସେମାନଙ୍କର ଆଦର ସମ୍ମାନ କରିବ । ମାନ ସମ୍ମାନ ଦେବ । ତାଙ୍କୁ ବହୁତ କମ ସମୟ ନିଜ ନିକଟରେ ରଖିବ । ସେ ତୁମମାନଙ୍କ ନିକଟରେ ଅଧିକ ସମୟ ନ ବିତାନ୍ତୁ ଓ ତୁମ ସେନାଙ୍କଠାରୁ ଶୀଘ୍ର ଚାଲି ଯାଆନ୍ତୁ । ସେନା ନିକଟରେ ଅଧିକ ସମୟ ନରହି ଶୀଘ୍ର ଚାଲିଯାଆନ୍ତୁ ଯଦ୍ଦ୍ୱାରା ସେ ତୁମ ସେନା ସମ୍ବନ୍ଧରେ କିଛି ସୂଚନା ପାଇପାରିବେ ନାହିଁ । ତାଙ୍କୁ ତୁମ କାର୍ଯ୍ୟ ସମ୍ବନ୍ଧରେ କିଛି ବି ସୂଚନା ଦେବନାହିଁ । ବହୁତ ସଂକ୍ଷିପ୍ତରେ କଥା ହେବ । ତୁମେ ତୁମ ଲୋକମାନଙ୍କୁ ତାଙ୍କ ସହିତ କଥା ହେବାରୁ ଅଟକାଇଦେବ । ତୁମାମନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେହି ଦୂତଙ୍କ ସହିତ ଭେଟକରିବାକୁ ଦେବନାହିଁ । ଏମିତି ନହେଉ ଯେ ସେ ଯେଉଁଆଡ଼େ ଯିବାକୁ ଚାହିଁବେ ଚାଲିଯିବେ । ଏମିତି ନୁହେଁ । ତାଙ୍କୁ କେବଳ ଯାହାଙ୍କ ସହିତ କଥା ହେବାର ଅଛି କେବଳ ତାହାଙ୍କ ସହିତ ହିଁ କଥା ହୁଅନ୍ତୁ । ସେ ସର୍ବସାଧାରଣରେ ପ୍ରବେଶ ନକରନ୍ତୁ । ଯେବେ ତୁମେ ସ୍ୱୟଂ ତାଙ୍କ ସହିତ କଥାବାର୍ତା କରିବ,ସେତେବେଳେ ତାଙ୍କ ସମ୍ମୁଖରେ ନିଜର ଗୁପ୍ତ କଥାକୁ ପ୍ରକାଶ କରିବ ନାହିଁ । ନିଜେ ବି ସେହି ଦୂତଙ୍କ ନିକଟରେ ବହୁତ ସତର୍କତାର ସହିତ କଥା ହେବ । ପୁଣି ପରାମର୍ଶ ସମ୍ବନ୍ଧରେ କହିଲେ ଯେ ଯେବେ ତୁମେ କାହାର ପରାମର୍ଶ ନେବ ସେତେବେଳେ ସତ କଥା କହିବ,ସଠିକ ପରାମର୍ଶ ମିଳିବ । ସବୁକିଛି ବତାଇସାରିବା ପରେ ପରାମର୍ଶ ନେବ । ମୁଶିର (ପରାମର୍ଶଦାତା)ଙ୍କଠାରୁ ନିଜର ସୂଚନା ଲୁଚାଇବ ନାହିଁ । ଅନ୍ୟଥା ତୁମ ନିଜପାଇଁ ହିଁ ତୁମେ କ୍ଷତିରେ ପଡ଼ିବ । ସାରାଦିନର ଖବର ଜାଣିବା ପାଇଁ ଅର୍ଥାତ କିପରି ସୂଚନା ମିଳି ପାରିବ,କିପରି ଓହଦାଦାରମାନଙ୍କୁ, ଲିଡ଼ରମାନଙ୍କୁ, କମାଣ୍ଡରମାନଙ୍କୁ ଇନଫରମେଶନ ମିଳିବ ସେ ବିଷୟରେ କହିଲେ ଯେ : ରାତି ସମୟରେ ନିଜ ସାଥିମାନଙ୍କ ସହିତ କଥାବାର୍ତା କରନ୍ତୁ । ସନ୍ଧ୍ୟା ସମୟରେ ସେମାନଙ୍କ ମଧ୍ୟରେ ବସି ସେମାନଙ୍କ ମଧ୍ୟରୁ ଲୋକ ନିର୍ବାଚନ କର,କଥା ହୁଅ,ତୁମକୁ ଖବର ମିଳିଯିବ । ଅଧିକାଂଶ ସମୟ ବିନା କୌଣସି ଏତେଲା ଦେଇ ଅଚାନକ ସେମାନଙ୍କ ପୋଷ୍ଟଗୁଡ଼ିକୁ ଯାଂଚ କରିବ । ନିରିକ୍ଷଣ କରିବା ଜରୁରୀ । ଯଦି କାହାକୁ ନିଜ ସୁରକ୍ଷାସ୍ଥାନରେ ନିଜ ଦାୟିତ୍ୱରେ ଅବହେଳା ପଦର୍ଶନ କରୁଥିବାର ଦେଖିବ ଭଲଭାବରେ ଅନୁଶାସନ କରିବ । ପୁଣି କହିଲେ : ଦଣ୍ଡ ଦେବାରେ ଶୀଘ୍ର କରିବ ନାହିଁ କି ସମ୍ପୂର୍ଣ୍ଣରୂପେ ଅଣଦେଖା କରିବ ନାହିଁ । ଉଭୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ନା ଦଣ୍ଡ ଦେବାରେ,ନିଷ୍ପତି ନେବାରେ ନା ତ ତତ୍ପର ହେବା ଉଚିତ ନା ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରିବା ଉଚିତ । ସେମାନଙ୍କର ଗୁପ୍ତଚର କରି ସେମାନଙ୍କୁ ଲଜ୍ଜିତ କରିବ ନାହିଁ । ସବୁବେଳେ ଅନୁସନ୍ଧାନ କରିବେ ନାହିଁ । କାରଣ ଏପରି କରିବା ଦ୍ୱାରା ସେମାନଙ୍କର ଅପମାନ ହେବ । ସେମାନଙ୍କାର ଗୁପ୍ତକଥାକୁ ଲୋକମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିବ ନାହିଁ । ଯେଉଁ ଗୁପ୍ତରହସ୍ୟ ତୁମକୁ ଜଣାପଡ଼ିବ,ସେ ବିଷୟରେ ଅନ୍ୟକାହାକୁ କହିବ ନାହିଁ । ବେକାର ଲୋକମାନଙ୍କ ମଧ୍ୟର ବସିବ ନାହିଁ । ସଚ୍ଚା ଏବଂ ବିଶ୍ୱସ୍ତ ଲୋକମାନଙ୍କ ସହିତ ବସିବ । ଭୟଭୀତ ହେବନାହିଁ ଅନ୍ୟଥା ଲୋକମାନେ ମଧ୍ୟ ଭୟଭୀତ ହୋଇଯିବେ । ମାଲେଗନିମତକୁ ଆତ୍ମସାତ କରିବାରୁ ଦୂରେଇ ରହିବ । ଏହା ଅଭାବର ନିକଟତର କରିଦିଏ ଏବଂ ବିଜୟକୁ ରୋକିଦେଇଥାଏ । ***(ଅଲକାମିଲ ଫିତ ତାରିଖ,ଖ-୦୨,ପୃ-୨୫୩-୨୫୪, ଦାରୁଲ କୁତୁବୁଲ ଅଲମିୟା ବେରୁତ ୨୦୦୩)***

ଏହିପରି ଅନେକ କଥା ମୁଁ ଏଠାରେ ନୂଆ ବର୍ଣ୍ଣନା କଲି । ଏହି କଥା ମଧ୍ୟରୁ କିଛି କଥା ମୁଁ ପୂର୍ବରୁ କହିସାରିଛି କେବଳ ସାମରିକ ଅଧିକାରୀମାନଙ୍କ କଥା ବ୍ୟତୀତ । ଏହି କଥା ଗୁଡ଼ିକରେ ଆମ ଓହଦାଦାରମାନଙ୍କ ପାଇଁ ମଧ୍ୟ ଜରୁରୀ, ଏହି କଥା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ଏପରି ହେଲେ କାର୍ଯ୍ୟ ଆଶୀର୍ବାଦ ପ୍ରାପ୍ତ ହେବ ଅର୍ଥାତ କାର୍ଯ୍ୟ ସିଦ୍ଧି ହେବ । ମୁଁ ଏହି କଥାଗୁଡ଼ିକୁ ମୁଁ ପୁନର୍ବାର ଏଇଥିପାଇଁ କହୁଅଛି ଯେ ଏକଥା ଆମ ଓହଦାଦାରମାନେ ମନେରଖନ୍ତୁ ।

ଇସଲାମୀ ହୁକୁମତକୁ ବିଭିନ୍ନ ରାଜ୍ୟରେ ବିଭାଜନ କରିବା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ଇସଲାମିକ ଦେଶକୁ ବିଭିନ୍ନ ରାଜ୍ୟରେ ବିଭକ୍ତ କରାଯାଇଥିଲା । ଏହି ରାଜ୍ୟଗୁଡ଼ିକରେ ହଜରତ ଅବୁ ବକର ର ଅ ଅମୀରମାନଙ୍କୁ ଏବଂ ଗଭର୍ଣ୍ଣର ନିଯୁକ୍ତ କରିଥିଲେ । ସେମାନଙ୍କର ରାଜଧାନୀ ଥିଲା ମଦିନା । ଏଠାରେ ହଜରତ ଅବୁ ବକର ର ଅ ଖଲିଫା ଭାବରେ ବିରାଜମାନ ଥିଲେ । ***(ଖୁଲାସା ଅଜ ହଜରତ ଅବୁ ବକର ସଦ୍ଦିକ ର ଅ ଅଜ ଡ଼ାଃ ଅଲୀ ମୁହମ୍ମଦ ସଲାବୀ, ପୃ-୧୭୬,୧୮୦, ୧୮୧ ମୁଦ୍ରିତ ଦାରେ ଇବନେ କସିର ଦମଶକ ବେରୁତ ୨୦୦୩)***

ଉମ୍ମାଲ (ଅଧିକାରୀ) ନିଯୁକ୍ତ କରିବାର ପଦ୍ଧତି ବିଷୟରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅଙ୍କ ଶୈଳୀ ଏପରି ଥିଲା ଯେ ଆପଣ ର ଅ ହଜରତ ନବି କରିମ ସ ଆ ସଙ୍କ ସୁନ୍ନତ (ଅର୍ଥାତ କାର୍ଯ୍ୟଶୈଳୀ)କୁ ଅନୁସରଣ କରି କୌଣସି କୌମ ଉପରେ ଗଭର୍ଣ୍ଣର ନିଯୁକ୍ତି କରିବା ବେଳେ ଏକଥା ପ୍ରତି ଧ୍ୟାନ ଦେଉଥିଲେ ଯେ ଯଦି ସେହି କୌମରେ ପୂଣ୍ୟବାନ ତଥା ଧାର୍ମିକ ଲୋକ ଥାଆନ୍ତି,ସେମାନଙ୍କ ମଧ୍ୟରୁ ଗଭର୍ନର ନିଯୁକ୍ତ କରିଥାନ୍ତି ।

ତାଇଫ ଏବଂ ଅନ୍ୟ କେତେକ କବିଲାଗୁଡ଼ିକ ଉପରେ ସେମାନଙ୍କ ମଧ୍ୟରୁ ଗଭର୍ଣ୍ଣର ନିଯୁକ୍ତ କରିଥିଲେ । ଯେବେ ହଜରତ ଅବୁ ବକର ର ଅ କାହାକୁ ଗଭର୍ନର ଭାବରେ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2023-2025 Vol.8 Thursday 26 Jan 2023 Issue No.04

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

ନିଯୁକ୍ତ କରିଥାନ୍ତି,ସେହି ଇଲାକା ଉପରେ ତାଙ୍କୁ ଗଭର୍ନର ନିଯୁକ୍ତ କରିବାର ଚୁକ୍ତି ପତ୍ର ଲେଖି ଦେଉଥିଲେ । ଅଧିକାଂଶ ସମୟ ସେହି ଇଲାକାରେ ପହଂଚିବାର ରାସ୍ତା ମଧ୍ୟ ତାଙ୍କ ପାଇଁ ନିର୍ଦ୍ଧାରଣ କରିଦେଉଥିଲେ ଯେଉଁ ସ୍ଥାନ ଦେଇ ତାଙ୍କୁ ଯିବାକୁ ପଡ଼ିଥାଏ । ବିଶେଷ ଭାବରେ ଯେବେ ଏହି ନିଯୁକ୍ତି ସେହି ସଂପୃକ୍ତ ଅଂଚଳ ବିଷୟରେ ହୋଇଥାଏ,ଯାହା ଏପର୍ଯ୍ୟନ୍ତ ବିଜୟ କରାଯାଇନଥିଲା ଏବଂ ଇସଲାମୀୟ ଖଲାଫତର ନିୟନ୍ତ୍ରଣ ବାହାରେ ଥିଲା । ସିରିଆ ବିଜୟ ଏବଂ ଇରାକ ତଥା ମୁରତଦ୍ଦୀନ (ଅର୍ଥାତ ବିଦ୍ରୋହୀମାନଙ୍କ) ବିରୁଦ୍ଧରେ କରାଯାଇଥିବା ଯୁଦ୍ଧଗୁଡ଼ିକରେ ଏହି କଥା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା ଏବଂ ବେଳେ ବେଳେ ହଜରତ ଅବୁ ବକର ର ଅ କେତେକ ରାଜ୍ୟକୁ ଅନ୍ୟ ରାଜ୍ୟ ସହିତ ମିଶାଇ ଦେଇଥିଲେ । ବିଶେଷ ଭାବରେ ମୁରତଦ୍ଦୀନମାନଙ୍କ ସହିତ ଯୁଦ୍ଧ କରିବା ପରେ ଏହି କାର୍ଯ୍ୟ ହେଲା । ଅତେବ ହଜରତ ଜୟାଦ ବିନ ଲବିଦ ର ଅ ଯିଏ ହଜରେ ମୌତ ଇଲାକାର ଗଭର୍ଣ୍ଣର ଥିଲେ,ତାଙ୍କ ତତ୍ୱାବଧାନରେ କିନ୍ଦାକୁ ମଧ୍ୟ ସାମିଲ କରିଥିଲେ । ତାପରେ ସେ ହଜରେମୌତ ଏବଂ କିନ୍ଦା ଉଭୟ ଇଲାକାର ଗଭର୍ଣ୍ଣର ରହିଥିଲେ । ***(ଅବୁ ବକର ସିଦ୍ଦିକ ଅଜ ଡ଼ାଃ ଅଲୀ ମୁହମ୍ମଦ ସଲାବୀ ପୃ-୧୭୯ ମୁଦ୍ରିତ ଦାରେ ଇବନେ କସିର ଦମଶକ ବେରୁତ ୨୦୦୩)***

ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ଆମିଲମାନଙ୍କ ଚୟନ କରିବା ସମୟରେ (ଅର୍ଥାତ ଅଧିକାରୀମାନଙ୍କୁ ଚୟନ କରିବା ସମୟରେ),ଇସଲାମକୁ ପ୍ରାଥମିକତା ଦିଆ ଯାଉଥିଲା । ସେହିପରି ଏହି ପଦବୀ ପାଇଁ ଏପରି ଲୋକଙ୍କୁ ଚୟନ କରାଯାଉଥିଲା,ଯିଏ ରସୁଲେ କରିମ ସ ଆ ସଙ୍କ ଶିକ୍ଷା ଏବଂ ତାଲିମ ଦ୍ୱାରା ପ୍ରଶିକ୍ଷଣ ପାଇଥିବେ । ଯାହାଙ୍କୁ ରସୁଲେ କରିମ ସ ଆ ସଙ୍କ ସଙ୍ଗତ ମିଳିଥିବ । ପ୍ରାଥମିକତା ଏମିତି ଲୋକଙ୍କୁ ଦିଆଯାଉଥିଲା । ଏ ପ୍ରସଙ୍ଗରେ ହଜରତ ଅବୁ ବକର ର ଅଙ୍କର କାର୍ଯ୍ୟଶୈଳୀ ଏହା ଥିଲା ଯେ ଯେଉଁ ବ୍ୟକ୍ତିଙ୍କୁ ରସୁଲେ କରିମ ସ ଆ ସ ଯେଉଁ କର୍ଯ୍ୟରେ ନିୟୋଜିତ କରିଥିଲେ,ସେ ସେଥିରେ କୌଣସି ପ୍ରକାରର ପରିବର୍ତ୍ତନ କରୁନଥିଲେ । ଉଦାହରଣ ସ୍ୱରୂପ ହଜୁର ସ ଆ ସ ହଜରତ ଉସମାଃ ର ଅଙ୍କୁ ଗୋଟିଏ ସୈନ୍ୟବାହିନୀର ସେନାଧ୍ୟକ୍ଷ କରିଥିଲେ । ପରେ କିଛି ଲୋକେ କୌଣସି କାରଣ ବଶତଃ ଉତମତାକୁ ଦୃଷ୍ଟିରେ ରଖି ଏହି ପଦବୀରେ ଜଣେ ବରିଷ୍ଠ ସାହାବୀଙ୍କୁ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ହଜରତ ଅବୁ ବକର ର ଅ ହଜରତ ଉସାମାଃ ର ଅଙ୍କୁ ସେହି ପଦବୀରେ ରହିବାକୁ ଦେଲେ । ସେହିପରି ହଜରତ ଅବୁ ବକର ର ଅ ଏକଥା ବି ଦେଖୁଥିଲେ ଯେ ଯଦି କୌଣସି ବ୍ୟକ୍ତି ହଜୁର ସ ଆ ସଙ୍କ ଠାରୁ ଅଧିକ ଅନୁଗ୍ରହ ପ୍ରାପ୍ତ କରିଛି ତେବେ ତାକୁ ସେହି ଉଚ୍ଚ ପଦବୀରେ ଅଧିଷ୍ଠିତ କରୁଥିଲେ । ଏଇଥିପାଇଁ ହଜରତ ଅବୁ ବକର ର ଅ ଅନେକ ସମୟରେ ସେମାନଙ୍କଠାରେ ଏ ଦାୟିତ୍ୱ ନ୍ୟସ୍ତ କରୁଥିଲେ,ଯେଉଁମାନେ ଫତହ ମକ୍କାଃ (ମକ୍କା ବିଜୟ) ପୂର୍ବରୁ ମୁସଲମାନ ହୋଇଥିଲେ । ଏହି ପରିପ୍ରକ୍ଷୀରେ ହଜରତ ଅବୁ ବକର ର ଅ କେବେ ବି ଜନଜାତିବାଦ ବା ଆତ୍ମୀୟ ସ୍ୱଜନ ମାନଙ୍କୁ କୌଣସି ପଦବୀରେ ଅଧିଷ୍ଠିତ କରାଇବା ମନୋଭାବ ପୋଷଣ କରିନାହାନ୍ତି । ଏହି କଠୋର ନୀତି ଏବଂ ଉଚ୍ଚ ମାନର ଫଳାଫଳ ଏହା ଥିଲା ଯେ ତାଙ୍କ ଦ୍ୱାରା ନିଯୁକ୍ତ ପାଉଥିବା ଉମ୍ମାଲ ଓ୍ୱ ହୁକ୍କାମ (ଅର୍ଥାତ ଉଚ୍ଚ ପଦାଧିକାରୀ) ମାନେ ସର୍ବଦା ଇସଲାମ ଏବଂ ମୁସଲମାନମାନଙ୍କର ସେବା କରିବା କରିବା ପାଇଁ ନିଜର ସର୍ବୋତମ ଦକ୍ଷତାକୁ ବ୍ୟବହାର କରୁଥିଲେ । ***(ସୟଦନା ହଜରତ ଅବୁ ବକର ର ଅ ଅଜ୍ ଅବୁଲ ନସର ମୁତରଜିମ, ପୃ-୬୯୩)***

ହଜରତ ଅବୁ ବକର ସିଦ୍ଦିକ ର ଅ ଅଧିକାରୀମାନଙ୍କ ଚୟନ ଏବଂ ନିଯୁକ୍ତି କରିବା ସମୟରେ ସ୍ଥାନୀୟ ଲୋକମାନଙ୍କର ରାୟ / ମତକୁ ସମ୍ମାନ ଜଣାଉଥିଲେ । ସୁତରାଂ ହଜରତ ଅଲା ବିନ ହଜରମି ର ଅ ରସୁଲେ କରିମ ସ ଆ ସଙ୍କ ସମୟରେ ବାହାରୀନ ରାଜ୍ୟର ଗଭର୍ଣ୍ଣର ନିଯୁକ୍ତ ହୋଇଥିଲେ । ପରେ କୌଣସି କାରଣ ବଶତଃ ତାଙ୍କୁ ସେଠାରୁ ଅନ୍ୟତ୍ର ପଠାଗଲା । ପୁଣି ହଜରତ ଅବୁ ବକର ର ଅଙ୍କ ଖିଲାଫତ ସମୟରେ ବାହାରିନ ପ୍ରଦେଶର ଅଧିବାସୀମାନେ ହଜରତ ଅବୁ ବକର ର ଅଙ୍କ ନିକଟରେ ନିବେଦନ କରିବରୁ ହଜରତ ଅଲା ବିନ ହଜରମି ର ଅଙ୍କୁ ବାହାରିନର ଗଭର୍ଣ୍ଣର ଭାବରେ ସେମାନଙ୍କ ନିକଟକୁ ପଠାଇଦେଲେ । (ଫୁତୁହୁଲ ବୁଲଦାନ ଲି ବଲାଜରି ପୃ-୧୩୧ ମୁତରଜିମ ପ୍ରକାଶନ ନଫିସ ଏକାଡ଼େମୀ କରାଚି)

ଆମିଲମାନଙ୍କୁ ମଧ୍ୟ ହଜରତ ଅବୁ ବକର ର ଅ ଉପଦେଶ ପ୍ରଦାନ କରିଛନ୍ତି । ଏ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ହୁକାମ (ଅଧିକାରୀ) ମାନଙ୍କୁ ନିଯୁକ୍ତି ଦେବା ଅବସରରେ ନିଜେ ଉପଦେଶ ପ୍ରଦାନ କରୁଥିଲେ । ଅତେବ ତାରୀଖେ ତିବରୀରେ ଉଲ୍ଲେଖ ରହିଛି ଯେ ଅମରୋ ବିନ ଆସ ର ଅ ଏବଂ ଓ୍ୱଲିଦ ବିନ ଅକବାଃ ର ଅଙ୍କୁ ହଜରତ ଅବୁ ବକର ର ଅ ଉପଦେଶ ଦେଇ କହିଲେ ଯେ : ଭିତର ଏବଂ ବାହାର,ଉଭୟ ପ୍ରସଙ୍ଗରେ ଅଲ୍ଲାଃତାଲାଙ୍କୁ ଭୟ କରୁଥାଅ । ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରୁଥାଏ,ସେ କାହାର ମୁକୁଳିବାର ରାସ୍ତା ବାହାର କରିଦିଏ । ଅଲ୍ଲାଃ ତାକୁ ଏପରି ଉତ୍ସରୁ ରୋଜଗାର ଉପଲବ୍ଧ କରାଇଥାଏ,ଯେଉଁଠାରୁ ମିଳିବାର ଆଶା ସେ କେବେ ବି କରିନଥିବ । ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରୁଥାଏ,ସେ ତା ପାପରାଶିକୁ କ୍ଷମା ଦେଇଦିଏ । ଅର୍ଥାତ ଅଲ୍ଲାଃ ତା ପାପକୁ କ୍ଷମା କରିଦିଅନ୍ତି ଏବଂ ତାକୁ ଆହୁରି ଅଧିକା ପୁରସ୍କାର ଦେଇଥାନ୍ତି । ଅଲ୍ଲାଃତାଲାଙ୍କ ତକଓ୍ୱା (ଧର୍ମପରାୟଣତା)କୁ ଗ୍ରହଣ କରିବା ହେଉଛି ସର୍ବୋତମ । ଏହାକୁ ଗ୍ରହଣ କରିବା ପାଇଁ ଅଲ୍ଲାଃତାଲାଙ୍କ ଭକ୍ତମାନେ ସର୍ବଦା ପରସ୍ପରକୁ ଉତ୍ସାହିତ କରିଥାନ୍ତି । ତୁମେ ଅଲ୍ଲାଃତାଲାଙ୍କ ରାସ୍ତାଗୁଡ଼ିକ ମଧ୍ୟରୁ ଗୋଟିଏ ରାସ୍ତାରେ ଯାଉଛ,ତେଣୁ ତୁମ ଧର୍ମର ଶକ୍ତି ତଥା ତୁମ ହୁକୁମତର ସୁରକ୍ଷା ପାଇଁ ଯାହା ଆବଶ୍ୟକ,ସେଥିରେ ଅବହେଳା କରିବା ଅକ୍ଷମଣୀୟ ଅପରାଧ । ତେଣୁ ତୁମ ତରଫରୁ କଦାପି ଅବହେଳା ବା ଅଳସୁଆମୀ ପ୍ରଦର୍ଶନ ହେବା ଉଚିତ ନୁହେଁ । ***(ତାରିଖେ ତବରୀ, ଖ-୦୨, ପୃଷ୍ଠା-୩୩୨, ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ହଜରତ ମସ୍ତୁରଦ ବିନ ଶଦାଦ ର ଅ ବର୍ଣ୍ଣନା କରନ୍ତି ଯେ ମୁଁ ନବି କରିମ ସ ଆ ସ ଙ୍କୁ ଏହା କହିବାର ଶୁଣିଛି ଯେ ଯେଉଁ ବ୍ୟକ୍ତି ଆମର ଆମିଲ (ଅଧିକାରୀ) ହେବ ସେ ଜଣେ ପତ୍ନୀକୁ ସାଥିରେ ରଖିବା ଉଚିତ । ଯଦି ତା ନିକଟରେ ସେବକ ନଥାନ୍ତି,ତାହେଲେ ସେ ଜଣେ ଖାଦିମ (ସେବକ) ରଖିଦିଅନ୍ତୁ । ଯଦି ତାଙ୍କ ନିକଟରେ ରହିବା ପାଇଁ ଘର ନଥାଏ ତା'ହେଲେ ରହିବା ପାଇଁ ଗୋଟିଏ ଘର ରଖିଦିଅନ୍ତୁ । ମସ୍ତୁରଦ କହିଲେ : ହଜରତ ଅବୁ ବକର ର ଅ କହିଲେ ଯଦି ଜଣେ ଏହି ଜିନିଷ ବ୍ୟତୀତ ଅନ୍ୟ କିଛି ନିଏ ତାହେଲେ ସେ ଭ୍ରଷ୍ଟ । ବା ଏହା କହିଲେ ଯେ ସେ ହେଉଛି ଚୋର । (ସୁନନେ ଅବି ଦାଉଦ, କିତାବୁଲ ଖିରାଜ ଓ୍ୱଲ ଅମାରାଃ ଓ୍ୱଲ ଫଇ, ବାବ ଫି ଅରଜାକୁଲ ଉମାଲ ୨୯୪୫)

ଉମାଲ (ଅଧିକାରୀ) ମାନଙ୍କର ନିରୀକ୍ଷଣ କିପରି କରାଯାଉଥିଲା ? ହଜରତ ଅବୁ ବକର ର ଅ ଉମାଲ ଓ୍ୱ ହୁକାମ (ଅଧିକାରୀ) ମାନଙ୍କ ପ୍ରତ୍ୟେକ ଗତିବିଧି ଉପରେ ନଜର ରଖୁଥିଲେ । ଯେହେତୁ ଏହି ଲୋକମାନେ ଆଁ ହଜରତ ସ ଆ ସଙ୍କ ସଙ୍ଗତ ପ୍ରାପ୍ତ କରିସାରିଥିଲେ,ତେଣୁ ହଜରତ ଉମର ର ଙ୍କ ବିପରୀତ ହଜରତ ଅବୁ ବକର ର ଅ ସେମାନଙ୍କ ମାମୁଲି ମାମୁଲି (ଛୋଟ ଛୋଟ) ଭୂଲଗୁଡ଼ିକୁ କ୍ଷମା ଦେଇଦେଉଥିଲେ । ସେମାନେ କ'ଣ କରୁଛନ୍ତି ସେଥିପ୍ରତି ନଜର ରଖୁଥିଲେ କିନ୍ତୁ ଛୋଟ ଛୋଟ କଥାକୁ ନଧରି ତାହାସବୁ କ୍ଷମା କରି ଦେଉଥିଲେ । ସେହି ତାରିଖେ ତବରୀରେ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ନିଜ ଉମାଲ ଏବଂ ନିଜ ଅଧିକାରୀମାନଙ୍କୁ କଏଦ କରୁନଥିଲେ । କିନ୍ତୁ ଯଦି କିଏ ଗୁରୁତର ଭୂଲ କରୁଥିଲା,ସେ ପଦବୀ ଦୃଷ୍ଟିରୁ କେତେ ବଡ଼ ଉଚ୍ଚ ପୋଷ୍ଟରେ ଥିଲେ ମଧ୍ୟ ତାକୁ ଉପଯୁକ୍ତ ଚେତାବନୀ ଦେଉଥିଲେ । ହଜରତ ମୁହାଜିର ବିନ ଉମୈୟା ର ଅ ଙ୍କ ସମ୍ବନ୍ଧରେ ତାଙ୍କୁ ସୂଚନା ମିଳିଲା ଯେ ସେ ଏପରି ଜଣେ ମହିଳାଙ୍କର ଦାନ୍ତକୁ ଓପାଡ଼ି ଦେଇଛନ୍ତି,ଯିଏ ମୁସଲମାନମାନଙ୍କ ଉପହାସ କରୁଥିଲା । ଏହା ଶୁଣି ହଜରତ ଅବୁ ବକର ର ଅ ତତକ୍ଷଣାତ ହଜରତ ମୁହାଜିର ବିନ ଉମୈୟା ର ଅ ଙ୍କ ଏହି କାର୍ଯ୍ୟ ପାଇଁ ଭର୍ତ୍ସନା ଚିଠି ଲେଖିଲେ । ଏପରିକି ହଜରତ ଖାଲିଦ୍ ବିନ ଓ୍ୱଲିଦ ର ଅଙ୍କର କୌଣସି ଗୋଟିଏ ଦୃବଳତା ବିଷୟରେ ହଜରତ ଅବୁ ବକର ର ଅ ଜାଣିବା ସଙ୍ଗେ ସଙ୍ଗେ ଆପଣ ର ଅ ତାଙ୍କୁ ଏଥିପାଇଁ ଭର୍ତ୍ସନା କରିବାକୁ ଦ୍ୱିଧା ବୋଧ କଲେନାହିଁ । (ସୟଦନା ସିଦ୍ଦିକ ଅକବର ର ଅ ଅଜ୍ ଅବୁଲ ନସର, ମୁତରଜିମ ପୃ-୬୯୫)

ଅମୀର ଏବଂ ଗଭର୍ଣ୍ଣରଙ୍କ ଦାୟିତ୍ୱ ବିଷୟରେ ଏହ ଉଲ୍ଲେଖ ରହିଛି ଯେ ହଜରତ ଅବୁ ବକର ର ଅ ବିଭିନ୍ନ ଅଂଚଳ,ସହର ଏବଂ ଗ୍ରାମ ଗୁଡ଼ିକରେ ଯେଉଁ ଗଭର୍ଣ୍ଣର ଏବଂ ଅମୀରମାନଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan